## ଆଜି କ'ଣ କେଉଁଠି

ଭୁବନେଶ୍ୱର

- କୋଲକାତା ପୂର୍ବ ଜୋନ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ 'ୱଣ୍ଡର କେଭ୍‌ସ', ଖଣ୍ଡଗିରି ଓ ଉଦୟଗିରି, ସକାଳ ୬ଟା ୩୦, ସାଂସ୍କୃତିକ କାର୍ଯ୍ୟକ୍ରମ, ସନ୍ଧ୍ୟା ୬ଟା ୩୦।
- ଶ୍ରୀମଦ୍ ଭାଗବତ କଥାମୃତ, ଡି. ଏଲ୍ କଲୋନୀ, ମା' ଭୁବନେଶ୍ୱରୀ ମନ୍ଦିର ପରିସର, ସକାଳ ୭ଟା ୩୦।

## ସଂକ୍ଷେପରେ

### ଶତାୟୁ ଦାମୋଦର ମହାନ୍ତିଙ୍କ ପରଲୋକ

**ଭୁବେନେଶ୍ୱର,୧୮।୭(ଅଭିଜିତ ଦାସ):** ଅବସରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ତଥା ସ୍ୱାଧୀନତା ସଂଗ୍ରାମୀ ଦାମୋଦର ମହାନ୍ତିଙ୍କ ଗତ ରବିବାର ଭୁବନେଶ୍ୱରସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି।



୧୯୨୨ ଜୁଲାଇ ୭ରେ ଦାମୋଦର ପୁରୀ ଜିଲା ନିମାପଡ଼ାର ଜଇନାବାଦ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ନିମାପଡ଼ା ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବାବେଳେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ପାଟଣା ବିଶ୍ୱ ବିଦ୍ୟାଳୟରୁ ପାରମ୍ପରିକ ଶିକ୍ଷା ଶେଷ କରି ପୋଲିସ ବିଭାଗରେ ଯୋଗ ଦେଇଥିଲେ। ୧୯୮୨ରେ ସେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଅବସରର ପରେ ଦାମୋଦର ମହାନ୍ତି ଅନେକ ଗଳ୍ପ ରଚନା କରିଥିଲେ। ପାରବ୍ରହ୍ମ ହିଁ ସତ୍ୟ, ଧର୍ମ ଏକ ଜ୍ୱଳନ୍ତ ବର୍ତ୍ତୀକା, ଜୀବାତ୍ମାର ରହସ୍ୟ, ବିଶ୍ୱକର୍ମାଙ୍କ ଯାନରେ ବ୍ରହ୍ମାଣ୍ଡ, ଜ୍ଞାନଦୀପ ଭଳି ଅନେକ ସାହିତ୍ୟ ସେ ରଚନା କରିଛନ୍ତି। ତାଙ୍କ ଦେହାନ୍ତ ଖବର ପାଇବା ପରେ ସ୍ଥାନୀୟ କର୍ପୋରେଟର ଓ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରଥିଲେ। କନିଷ୍ଠ ପୁତ୍ର ତଥା ପୂର୍ବତଟ ରେଳପଥର ଲୋକ ସମ୍ପର୍କ ଅଧିକାରୀ ନିହାର ରଞ୍ଜନ ମହାନ୍ତିଙ୍କ ପାଖରେ ସେ ଦୀର୍ଘ ବର୍ଷ ହେବ ରହି ଆସୁଥିଲେ।

### ମହିଳାଙ୍କୁ ଚାକିରି କରାଇଦେବାକୁ କହି ଠକେଇ

**ବାରଙ୍ଗ, ୧୮।୭ (ଲିଙ୍ଗରାଜ ରାଉତ):** ଜଣେ ବିଧବା ମହିଳାଙ୍କୁ ଚାକିରି କରାଇ ଦେବାକୁ କହି ଜଣେ ବ୍ୟକ୍ତି ଲକ୍ଷାଧିକ ଟଙ୍କା ଠକିନେଇଛନ୍ତି। ଏ ବିଷୟରେ ମହିଳାଜଣକ ମଙ୍ଗଳବାର ନନ୍ଦନକାନନ ଥାନାରେ ଅଭିଯୋଗ କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ନନ୍ଦନକାନନ ଥାନା ଅନ୍ତର୍ଗତ ଦାଦା ଗ୍ରାମର ଇଲା ଦାସ(୪୧)ଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହ ପରିଚିତ ହୋଇଥିଲା। ଏପରି କି ସେ ମହିଳାଙ୍କୁ ସରକାରୀ ଚାକିରି କରାଇଦେବାକୁ କହିଥିଲେ। ମହିଳା ରାଜି ହେବା ପରେ ବିଭିନ୍ନ ସମୟରେ ବ୍ୟକ୍ତି ଜଣକ ତାଙ୍କଠାରୁ ଦେଢଲକ୍ଷ ଟଙ୍କା ନେଇଛନ୍ତି। ଏଥିରୁ ୭୦ହଜାର ଟଙ୍କା ଫୋନ ପେ ଜରିଆରେ ଓ ୮୦ହଜାର ଟଙ୍କା ନଗଦ ବିଭିନ୍ନ ସମୟରେ ନେଇଛନ୍ତି। ୧୫ଦିନ ଭିତରେ ଚାକିରି କରାଇଦେବାକୁ କହି ଏହାଭିତରେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଚାକିରି ମିଳିପାରି ନାହିଁ। ଏହାପରେ ମହିଳା ଜଣଙ୍କ ଟଙ୍କା ମାଗିବାରୁ ବ୍ୟକ୍ତି ଜଣକ ସମୟ ଗଡେଇ ଚାଲିଛନ୍ତି। ଫୋନରେ ବାରମ୍ବାର ପଚାରିବାରୁ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଛନ୍ତି। ଫଳରେ ମହିଳା ଜଣକ ଥାନାରେ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ କରିଛନ୍ତି।

### ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ଯୋଗଦେବେ ସୁଦର୍ଶନ

**ପୁରୀ,୧୮।୭(ଅଜିତ ମହାନ୍ତି):** ଆସନ୍ତା ଅଗଷ୍ଟରେ ଆମେରିକାରେ ବାଲୁକା କଳା ଦ୍ୱାରା ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ନେଇ ଅନ୍ତର୍ଜାତୀୟ ଆଲୋଚନାଚକ୍ର ହେବ। ଏଥିରେ ଭାରତରୁ ଏକମାତ୍ର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସମେତ ବିଶ୍ୱର ଅନେକ ସ୍ୱନାମଧନ୍ୟ ବାଲୁକାଶିଳ୍ପୀ ଯୋଗଦେବେ। କାର୍ଯ୍ୟକ୍ରମରେ ବିଶ୍ୱର ୨୩ଟି ଦେଶର ବାଲୁକାଶିଳ୍ପୀ, ବିଭିନ୍ନ କଳାକାର ଯୋଗଦେଇ ବାଲୁକାକଳା ମାଧ୍ୟମରେ କିପରି ସମାଜରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇପାରିବ ସେନେଇ ଆଲୋକପାତ କରିବେ। ଲୋକଙ୍କ ସମ୍ମୁଖରେ ଚିତ୍ରକଳା ମଧ୍ୟ ପ୍ରଦର୍ଶନ କରିବେ। ଏ ନେଇ ହାଇଦ୍ରାବାଦରେ ନିଯୁକ୍ତ ଥିବା ଆମେରିକାର କନସଲଣ୍ଟାଣ୍ଟ ଜେନେରାଲ ଜେନିଫର ଲାର୍‌ସନ୍ ଶିଳ୍ପୀ ସୁଦର୍ଶନଙ୍କୁ ସୂଚନା ଦେବା ସହ ସ୍ୱତନ୍ତ୍ର ନିମନ୍ତ୍ରଣ କରିଛନ୍ତି।

# ତାଲାଭାଙ୍ଗି ମାର୍କେଟରେ ପଶିଲେ ଉଠାଦୋକାନୀ

ଭୁବନେଶ୍ୱର,୧୮।୭ (ବନ୍ଦନା ସେଠୀ)

ଦ୍ୱିତୀୟ ଦିନ ପାଇଁ ମଙ୍ଗଳବାର ମାର୍କେଟ ବିଲ୍ଡିଂରେ ତାଲା ଝୁଲୁଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିଜ ଜିଦ୍‌ରେ ଅଟଳ ରହିଛି। ଲଗାତାର ୨ଦିନ ଧରି ମାର୍କେଟ ବିଲ୍ଡିଂ ବନ୍ଦ ରହିବା କାରଣରୁ ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀଙ୍କୁ ବହୁ କ୍ଷତି ସହିବାକୁ ପଡ଼ିଲାଣି। ହେଲେ ମାର୍କେଟ ଆସୋସିଏଶନ ତାଙ୍କ ଜିଦ୍‌ରେ ଅଟଳ ରହିଛନ୍ତି। ଅପରପକ୍ଷରେ ମାର୍କେଟ ବିଲ୍ଡିଂ ଆସୁଥିବା ଲୋକମାନେ ମଧ୍ୟ ନିରାଶ ହୋଇ ଫେରୁଛନ୍ତି। ମଙ୍ଗଳବାର ଦିନ ତମାମ ଆସୋସିଏଶନ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ହେଲେ କିଛି ଉଠାଦୋକାନୀ ଖରାପ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏପରିକି ମାର୍କେଟ ବିଲ୍ଡିଂର ପ୍ରବେଶ ଓ ପ୍ରସ୍ଥାନ ପାର୍ଶ୍ୱରେ ତାଲା ଲଗାଇ ସ୍ଥାୟୀ ବ୍ୟବସାୟୀମାନେ ଧାରଣା ଦେଉଥିବାବେଳେ ପ୍ରସ୍ଥାନପଟ ଗେଟ୍‌ରେ ଲାଗିଥିବା ତାଲାକୁ କିଛି ଉଠାଦୋକାନୀ ଭାଙ୍ଗି ବେଆଇନ ଭାବେ ମାର୍କେଟ ବିଲ୍ଡିଂ ଭିତରେ ପଶିଥିବା ଅଭିଯୋଗ ହୋଇଛି। ଉଠାଦୋକାନୀଙ୍କ ଓକିଲ ସୁମନ୍ତ କୁମାର ସ୍ୱାଇଁଙ୍କ ସହ କିଛି ଉଠାଦୋକାନୀ ମଙ୍ଗଳବାର ମାର୍କେଟ ବିଲ୍ଡିଂ ନିକଟରେ ଜୋର ଜବରଦସ୍ତି ବେପାର କରିବାକୁ ମଧ୍ୟ ଚେଷ୍ଟା କରିଥିବା ଦେଖିବାକୁ ମିଳିଥିଲା।

ତେବେ ଗେଟ୍ ତାଲା ଭାଙ୍ଗିବା ଘଟଣାରେ ମାର୍କେଟ ଆସୋସିଏଶନ ପକ୍ଷରୁ ପ୍ରାୟ ୫୦ ସଦସ୍ୟ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ଏହାସହ ଜୋନ୍ ଏସିପିଙ୍କ ସହ ସାକ୍ଷାତ୍ କରି ଶୀଘ୍ର ଏନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାୟୀ ବ୍ୟବସାୟୀ ଦାବି କରିଛନ୍ତି। ସେପଟେ ମଙ୍ଗଳବାର ମଧ୍ୟ ବିଏମ୍‌ସି ଅଧିକାରୀମାନେ ମାର୍କେଟ ଆସୋସିଏଶନ ସହ କୌଣସି ଆଲୋଚନା କରି ନ ଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ବୁଧବାର ସନ୍ଧ୍ୟା ସୁଦ୍ଧା ବିଏମ୍‌ସି ଅଧିକାରୀ ଏନେଇ କିଛି ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ସ୍ଥାୟୀ ଦୋକାନୀ ସେମାନଙ୍କ ପିଲାଛୁଆଙ୍କୁ ନେଇ ମେୟର ଓ କମିଶନରଙ୍କ ବାସଭବନ ଘେରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମାର୍କେଟ ବିଲ୍ଡିଂରେ ତାଲା ଝୁଲିଛି। ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଦିନକୁ ଦିନ ତୀବ୍ର ରୂପ ନେଉଥିବାବେଳେ ବିଏମ୍‌ସିର ଏଥିପ୍ରତି ନୀରବତା ନିଆଁରେ ଘିଅ ଢାଳୁଛି। ମାର୍କେଟ ବିଲ୍ଡିଂ ଭିତରେ ବସିଥିବା ଉଠାଦୋକାନୀଙ୍କୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରିବା ଜିଦରେ ଆସୋସିଏଶନ ଆନ୍ଦୋଳନରେ ବସିଛି। ପୂର୍ବରୁ ଦୁଇଦୁଇ ଥର ଉଠାଦୋକାନୀଙ୍କ ଉଚ୍ଛେଦ ଦାବି କରି ମାର୍କେଟ ବିଲ୍ଡିଂକୁ ବନ୍ଦ କରାଯାଇଥିଲା। ଆସୋସିଏଶନର ଏଭଳି କାର୍ଯ୍ୟାନୁଷ୍ଠାନକୁ ଉଠାଦୋକାନୀଙ୍କ ଦ୍ୱାରା ବିରୋଧ କରାଯାଇଛି। ସେମାନେ ଚାହିଁଲେ ମାର୍କେଟ ବନ୍ଦ କରିପାରିବେ ବା ସେମାନଙ୍କ ଦୋକାନ ବନ୍ଦ କରିପାରିବେ, ମାତ୍ର ମାର୍କେଟର ମୁଖ୍ୟ ଗେଟରେ ତାଲା ପକାଇବା ଅଧିକାର ତାଙ୍କୁ କିଏ ଦେଲା ବୋଲି ଉଠା ଦୋକାନୀମାନେ ପ୍ରଶ୍ନ କରିଛନ୍ତି। ମାର୍କେଟ ଭିତରେ ଏବେ ୨ଶହ ଉଠାଦୋକାନୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୫୦ରୁ ଊର୍ଦ୍ଧ୍ୱ ଦୋକାନୀ ହାଇକୋର୍ଟରୁ ରହିତାଦେଶ ଆଣିଛନ୍ତି। ତେଣୁ ସ୍ଥାୟୀ ବ୍ୟବସାୟୀ କିମ୍ବା ବିଏମ୍‌ସି ସେମାନଙ୍କୁ ସେଠାରୁ ଉଠାଇ ପାରିବେ ନାହିଁ ବୋଲି ପ୍ରକାଶ ପାଇଛି।




ମାର୍କେଟ ଆସୋସିଏଶନର ସଦସ୍ୟମାନେ ମଙ୍ଗଳବାର ଦ୍ୱିତୀୟ ଦିନ ଧାରଣାରେ ବସିଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

## ଦ୍ୱିତୀୟ ଦିନରେ ମାର୍କେଟ ବିଲ୍ଡିଂ ବନ୍ଦ

- ଥାନାରେ ଏତଲା ଦେଲା ଆସୋସିଏଶନ
- ମେୟର-କମିଶନରଙ୍କ ବାସଭବନ ଘେରାଉ ଚେତାବନୀ




ଶହୀଦ ରଘୁନାଥ ମହାନ୍ତିଙ୍କ ୧୧୩ତମ ଜୟନ୍ତୀ ଅବସରରେ ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଏବଂ ଉଇ ଫର୍ ଭୁବନେଶ୍ୱର ଅନୁଷ୍ଠାନ ପକ୍ଷରୁ ୟୁନିଟ୍-୯ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଅବସରରେ ଉପସ୍ଥିତ ବ୍ୟକ୍ତିବିଶେଷ। (ଫଟୋ- ମନୋରଞ୍ଜନ ମିଶ୍ର)

# ବିଦ୍ୟାଳୟରେ ଆରମ୍ଭ ହେଲା 'ହାଉସ୍ ସିଷ୍ଟମ୍'

ଭୁବନେଶ୍ୱର,୧୮।୭ (ଅନୁରାଧା ମହାରଣା)

ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟରେ 'ହାଉସ୍ ସିଷ୍ଟମ୍' ଆରମ୍ଭ ହୋଇଛି। ଏହି କ୍ରମରେ ନାଲି, ହଳଦିଆ, ସବୁଜ ଓ ନୀଳ ରଙ୍ଗର ବନ୍ଦୋବସ୍ତ କରାଯାଇଛି। ପିଲାମାନଙ୍କୁ ଶାରୀରିକ ଓ ମାନସିକ ଭାବେ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ 'ହାଉସ ସିଷ୍ଟମ' ଆରମ୍ଭ କରିଛି। 'ହାଉସ ସିଷ୍ଟମ' ଅନୁସାରେ, ପ୍ରତି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଦଳଗତ କାର୍ଯ୍ୟ କରିବାକୁ ଉତ୍ସାହିତ କରାଯାଉଛି। ଅନ୍ତର୍ନିହିତ ଗୁଣର ବିକାଶ, ପାରସ୍ପରିକ ସମ୍ପର୍କ, ସୃଜନଶୀଳତା, ସହାନୁଭୂତି ମନୋଭାବ, ଦଳଗତ କାର୍ଯ୍ୟ, ନିଷ୍ପତ୍ତି ନେବାର କ୍ଷମତା, ସମାଲୋଚନାତ୍ମକ ଚିନ୍ତାଧାରା, କର୍ତ୍ତବ୍ୟପରାୟଣତା, ଆତ୍ମ ସଚେତନତା, ଆତ୍ମବିଶ୍ୱାସ ବୃଦ୍ଧି, ବିଫଳତାରୁ ଶିକ୍ଷାଲାଭ କରିବାର କ୍ଷମତା ଆଦି ବିଭିନ୍ନ ମୌଳିକ ଗୁଣକୁ ବିକାଶ କରିବାରେ 'ହାଉସ୍ ସିଷ୍ଟମ' ସହାୟକ ହେବ ବୋଲି ଆଶା କରାଯାଉଛି। 'ହାଉସ୍ ସିଷ୍ଟମ' ଉଭୟ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଲାଗୁ ହୋଇଛି। ୧୦୦ରୁ ଅଧିକ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟଗୁଡ଼ିକରେ ୪ଟି ହାଉସ ଗଠନ କରାଯାଉଛି। ପ୍ରତି ଶ୍ରେଣୀର ଛାତ୍ରୀଛାତ୍ର, ପ୍ରତିଭା ଏବଂ ଲିଙ୍ଗଗତ ସାମଞ୍ଜସ୍ୟକୁ ଦୃଷ୍ଟିରେ ରଖି ସମାନ ଅନୁପାତରେ ୪ଟି ଦଳ ଗଠନ କରାଯାଉଛି। ୧୦୦ରୁ କମ୍ ଥିବା ବିଦ୍ୟାଳୟରେ ଦୁଇଟି ହାଉସ୍ ବା ଦଳ ଗଠନ ହେଉଛି। ପ୍ରତି ହାଉସକୁ ବିଦ୍ୟାଳୟ ପକ୍ଷରୁ ପ୍ରାକୃତିକ ସମ୍ପଦ ନଦୀ, ପର୍ବତ, ଗଛ, ପକ୍ଷୀ, ଫୁଲଗୁଡ଼ିକର ନାମରେ ନାମିତ କରାଯାଉଛି। ପାଠପଢ଼ା, ନେତୃତ୍ୱ ନେବାର କଳା, ବିଭିନ୍ନ କାର୍ଯ୍ୟକଳାପରେ ଦକ୍ଷ ଥିବା ଜଣେ ଛାତ୍ରୀ ବା ଛାତ୍ରଙ୍କୁ ପ୍ରଧାନଶିକ୍ଷକ ହାଉସ୍ କ୍ୟାପଟେନ୍ ଭାବେ ମନୋନୀତ କରିବେ। ଅନ୍ୟ ଜଣେ ଭାଇସ୍ କ୍ୟାପଟେନ୍ ଓ ଜଣେ ହାଉସ ପ୍ରତିନିଧି ଭାବେ ମଧ୍ୟ ମନୋନୀତ ହେବେ। ପ୍ରତି ସପ୍ତାହର ଗୋଟିଏ ପିରିୟଡରେ ହାଉସର ବୈଠକ ଅନୁଷ୍ଠିତ ହେବ। ବୈଠକରେ ବିଭିନ୍ନ କାର୍ଯ୍ୟର ଯୋଜନା, କ୍ରିୟାନ୍ୱୟନ ସମ୍ପର୍କରେ ଆଲୋଚନା କରାଯିବ। ପ୍ରତି ହାଉସ୍ ପାଇଁ ଜଣେ ଶିକ୍ଷକଙ୍କୁ ହାଉସ୍ ମାଷ୍ଟର ଭାବେ ପ୍ରଧାନ ଶିକ୍ଷକ ନିୟୋଜିତ କରିବେ। ପ୍ରତି ବର୍ଷ ଭଲ କାମ କରିଥିବା ହାଉସ୍‌କୁ 'ହାଉସ୍ ଅଫ୍ ଦ ଇୟର'ର ଭାବେ ପୁରସ୍କୃତ କରାଯିବ। ପ୍ରତି ହାଉସ୍ ପକ୍ଷରୁ ଜାତୀୟ ତଥା ଅନ୍ତର୍ଜାତୀୟ ଦିବସ ପାଳନ ଅବସରରେ କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ପୋଷ୍ଟର ତିଆରି, ଚାରାରୋପଣ, ପୁଷ୍ପବାଟିକା ଦାୟିତ୍ୱ ନେବା, ବିଦ୍ୟାଳୟର ସ୍ୱଚ୍ଛତା, ପ୍ରାର୍ଥନା ସଭାରେ ଖବର ପଢ଼ିବା, ପର୍ବପର୍ବାଣିରେ ଲୋକନୃତ୍ୟ, ଲୋକକଳା, ନାଟକ ପରିବେଷଣ, ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ଆଦି ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ଶିକ୍ଷାଦାନ କରାଯିବ।

# ଜଣେ ଶିକ୍ଷକରେ ଚାଲୁଛି ସ୍କୁଲ

ଭୁବନେଶ୍ୱର,୧୮।୭ (ଅନୁରାଧା ମହାରଣା)

ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଯୋଜନା କରଯାଉଥିବାବେଳେ ବାସ୍ତବ ଚିତ୍ର ଭିନ୍ନ। ରାଜ୍ୟରେ ଏପରି ଅନେକ ବିଦ୍ୟାଳୟ ରହିଛି, ଯେଉଁଠି ଜଣେ ମାତ୍ର ଶିକ୍ଷକରେ ପାଠପଢ଼ା ଚାଲିଛି। ଜଣେ ଶିକ୍ଷକ ଏକାଧିକ ବିଷୟରେ ପାଠ ପଢ଼ାଇବା ସହ ବିଦ୍ୟାଳୟରେ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ସମ୍ପାଦନ କରୁଛନ୍ତି। ତେବେ ଏନେଇ ଡିରେକ୍ଟୋରେଟ ଅଫ୍ ଏଲିମେଣ୍ଟାରୀ ଏଜୁକେଶନ ପକ୍ଷରୁ ଶିକ୍ଷକ ନିୟୋଜନ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁସାରେ ଯେଉଁ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ ଅଛନ୍ତି ସେହି ବିଦ୍ୟାଳୟରେ ନିକଟବର୍ତ୍ତୀ ବିଦ୍ୟାଳୟରୁ ଶିକ୍ଷକ ଆସି ଶିକ୍ଷାଦାନ କରିବେ। ତେବେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ ଏପରି ପ୍ରକ୍ରିୟା ଚାଲିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ଏନେଇ ସମ୍ପୃକ୍ତ ବ୍ଲକ୍ ଶିକ୍ଷାଧିକାରୀ ଜୁଲାଇ ୩୧ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ତେବେ ରାଜ୍ୟର ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ରହିଥିବାବେଳେ ହାତଗଣତି କେତେକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଛନ୍ତି।

ଏପରି ବିଦ୍ୟାଳୟରୁ ଶିକ୍ଷକ ଆସି ଅନ୍ୟ ବିଦ୍ୟାଳୟରେ ଶିକ୍ଷାଦାନ କରିବା କେତେଦୂର ଯଥାର୍ଥ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ପୂର୍ବରୁ ବିଭିନ୍ନ ସମୟରେ ଗୋଟିଏ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷକ ଅନ୍ୟ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ଶିକ୍ଷାଦାନ ପାଇଁ ପ୍ରେରିତ ହୋଇଥିବା ନଜିର ରହିଛି। ମାତ୍ର ନିଯୁକ୍ତି ପାଇଥିବା ବିଦ୍ୟାଳୟରୁ ବାରମ୍ବାର ଶିକ୍ଷକଙ୍କୁ ଫେରାଇ ଆଣିବାକୁ ଶିକ୍ଷା ବିଭାଗକୁ ପ୍ରଧାନ ଶିକ୍ଷକମାନେ ଚିଠି ଲେଖୁଥିଲେ ମଧ୍ୟ ଉକ୍ତ ଶିକ୍ଷକମାନଙ୍କୁ ଫେରାଇ ଅଣାଯାଉ ନାହିଁ। ଫଳରେ ଏପରି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜଣେ ଶିକ୍ଷକରେ ଚାଲୁଥିବା ବିଦ୍ୟାଳୟର ଶିକ୍ଷକ ସାମାନ୍ୟ ଆଶ୍ୱାସନା ପାଇଥିବାବେଳେ ନିକଟବର୍ତ୍ତୀ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକଙ୍କ ଚିନ୍ତାର କାରଣ ପାଲଟିଛି।

# କିସ୍‌କୁ ଇଣ୍ଟରନ୍ୟାଶନାଲ୍ ଗ୍ରୀନ୍ ଗାଉନ୍ ପୁରସ୍କାର

ଭୁବନେଶ୍ୱର,୧୮।୭ (ଅନୁରାଧା ମହାରଣା)




ଏକ ସ୍ଥାୟୀ ବିଶ୍ୱ ଗଠନରେ ଉଲ୍ଲେଖନୀୟ ଅବଦାନ ରଖିଥିବା କିସ୍‌କୁ ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଗାଉନ୍ ପୁରସ୍କାର-୨୦୨୩ ମିଳିଛି। 'ଉଦୟ' ପ୍ରକଳ୍ପ ପାଇଁ ଜୁଲାଇ ୧୭ରେ ଜାତିସଂଘର ସ୍ଥାୟୀ ବିକାଶ ସମ୍ପର୍କିତ ଉଚ୍ଚସ୍ତରୀୟ ରାଜନୈତିକ ଫୋରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ବର୍ଗରେ ମିଳିଥିବା ପୁରସ୍କାର ନିମନ୍ତେ କିସ୍ ଭାରତର ଏକମାତ୍ର ଏନ୍‌ଜିଓ ଭାବେ ମନୋନୀତ ହୋଇଛି। ଉଦୟ ପ୍ରକଳ୍ପ ପାଇଁ ୨୫ଟି ଦେଶରୁ ୯୩ଟି ଅନୁଷ୍ଠାନ ଚୂଡ଼ାନ୍ତ ପର୍ଯ୍ୟାୟକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଭାରତରୁ କିସ୍ ଏକମାତ୍ର ହୋଇଥିବାବେଳେ ଅନ୍ୟାନ୍ୟ ଦେଶରୁ ୧୨ଟି ଅନୁଷ୍ଠାନ ପୁରସ୍କାର ପାଇଛନ୍ତି।

ସୂଚନାଥାଉକି, ଜନଜାତି ଯୁବଗୋଷ୍ଠୀଙ୍କୁ ସେମାନଙ୍କ ସମ୍ପ୍ରଦାୟର ବିଭିନ୍ନ ପ୍ରସଙ୍ଗ ସହ ଜଡ଼ିତ କରାଇ ସେମାନଙ୍କୁ ଚେଞ୍ଜ ଏଜେଣ୍ଟରେ ପରିଣତ କରାଇବା ସହ ସେମାନଙ୍କୁ ସଶକ୍ତ କରାଇବା ଉଦ୍ଦେଶ୍ୟରେ ୨୦୧୮ରୁ ୨୦୨୨ ମସିହା ପର୍ଯ୍ୟନ୍ତ କୋରାପୁଟ, ମାଲକାନଗିରି, କନ୍ଧମାଳ ଓ ରାୟଗଡ଼ା ଜିଲାରେ ଉଦୟ ପ୍ରକଳ୍ପ କାର୍ଯ୍ୟ କରୁଥିଲା। ଜାତିସଂଘର ପରିବେଶ କାର୍ଯ୍ୟକ୍ରମ, ରାଜ୍ୟଗୋଷ୍ଠୀ ବିଶ୍ୱବିଦ୍ୟାଳୟ ସଂଘ (ଏସିୟୁ), ଏୟୁଏଫ୍, ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସଂଘ (ଆଇଏୟୁ) ଏବଂ ଉଚ୍ଚଶିକ୍ଷା ସ୍ଥାୟୀ ପ୍ରୟାସ (ଏଚ୍‌ଇଏସ୍‌ଆଇ) ସହଯୋଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିସ୍ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ଜଣାଇବା ସହ ଏକ ସ୍ଥାୟୀ ବିଶ୍ୱ ଗଠନରେ କାର୍ଯ୍ୟ କରିବାକୁ ଏହି ପୁରସ୍କାର ଆହୁରି ଉତ୍ସାହିତ କରିବ ବୋଲି କହିଛନ୍ତି।

# ୧୦୯ ବ୍ୟବସାୟ ପ୍ରତିଷ୍ଠାନକୁ ନୋଟିସ

## ଓଡ଼ିଆରେ ନାମ ଫଳକ ପ୍ରସଙ୍ଗ

- ଖୋର୍ଦ୍ଧା ଓ ଭୁବନେଶ୍ୱରରେ ଶ୍ରମ ବିଭାଗର ଚଢ଼ାଉ

ଖୋର୍ଦ୍ଧା,୧୮।୭(ପ୍ରଭାତ ପାଣିଗ୍ରାହୀ)

ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହି କ୍ରମରେ ଶ୍ରମ ଆୟୁକ୍ତ ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ମଣ୍ଡଳ ଶ୍ରମ ଆୟୁକ୍ତ(ଡିଏଲ୍‌ସି) ପ୍ରଣବ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ଖୋର୍ଦ୍ଧା ଓ ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୧୦୯ଟି ବ୍ୟବସାୟିକ ପ୍ରତିଷ୍ଠାନକୁ ନୋଟିସ ଜାରି କରିଛନ୍ତି। ଖୋର୍ଦ୍ଧା ସହରର ବିଭିନ୍ନ ହୋଟଲ, ରେଷ୍ଟୁରାଣ୍ଟ, ବ୍ୟବସାୟିକ ଦୋକାନ, ବଜାର ସମେତ ଭୁବନେଶ୍ୱର ମହାନଗର ନିଗମର ପଟିଆ, ମାଷ୍ଟର କ୍ୟାଣ୍ଟିନ, ୟୁନିଟ-୨, ଶହୀଦନଗର ଆଦି ଅଞ୍ଚଳରେ ଚଢ଼ାଉ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ଭୁବନେଶ୍ୱରର ରଶ୍ମିତା କୁମାରୀ ପାତ୍ର, ପିପାସା ମହାପାତ୍ର, କାଳିପୁତ୍ର କୁଳଦୀପ ପ୍ରସାଦ, ସୌମ୍ୟା ରଞ୍ଜିତା ଦଳାଇ, ପ୍ରଭାକର ବିଶ୍ୱାଳ ଏବଂ ଖୋର୍ଦ୍ଧା ସହକାରୀ ଶ୍ରମ ଅଧିକାରୀ ମୋନାଲିସା ଜେନା, ପ୍ରଜ୍ଞା ପାରମିତା ସାହୁ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ। ସରକାରୀ ନିୟମକୁ ଉଲ୍ଲଂଘନ କିମ୍ବା ଖିଲାପ କଲେ ପ୍ରଥମଥର ୫ ହଜାର ଓ ଦ୍ୱିତୀୟ ଥର ୨୫ ହଜାର ଜରିମାନା ବ୍ୟବସ୍ଥା ହୋଇଥିବା ଶ୍ରମ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଣିକି ପ୍ରତି ସପ୍ତାହରେ ଏହି ନିରୀକ୍ଷଣ କରାଯିବ ବୋଲି ଡିଏଲସି ପ୍ରଣବ କୁମାର ପାତ୍ର କହିଛନ୍ତି।

# 'ଗୋଟିଏ କ୍ୟାମ୍ପସ୍‌ରେ ୟୁନିଟ-୯ ବାଳିକା ବିଦ୍ୟାଳୟ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହୁ'

ଭୁବନେଶ୍ୱର,୧୮।୭(ଅନୁରାଧା ମହାରଣା)

ଭୁବନେଶ୍ୱର ୟୁନିଟ-୯ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ୟୁନିଟ-୯ ବାଳକ ଉଚ୍ଚ ବିଦ୍ୟାଳୟ ସହିତ ମିଶ୍ରଣ କରାଯିବା ନିଷ୍ପତ୍ତିକୁ ବିଭିନ୍ନ ମହଲରେ ବିରୋଧ କରାଯାଉଛି। ଏହି ବିବାଦର ସ୍ଥିତି ଅନୁଧ୍ୟାନ ପାଇଁ ଓଡ଼ିଶା ଅଭିଭାବକ ମହାସଂଘର ସହଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଉପାଧ୍ୟକ୍ଷ କାର୍ତ୍ତିକ ସାହୁ ଏବଂ ସାଧାରଣ ସମ୍ପାଦକ ସତ୍ୟଜିତ ଦାସ ମଙ୍ଗଳବାର ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ। ଉକ୍ତ ସୁନାମଧନ୍ୟ ଶିକ୍ଷାନୁଷ୍ଠାନକୁ ବାରଙ୍ଗ, ପଳାଶୁଣୀ, ବାଲିଅନ୍ତା ଓ ବାଲିପାଟଣାରୁ ବହୁସଂଖ୍ୟାରେ ପିଲା ଆସି ପଢୁଛନ୍ତି। ଯେହେତୁ ସେଠାରେ ପିଲାଙ୍କ ପାଇଁ ସୁସ୍ଥ ଶୈକ୍ଷିକ ବାତାବରଣ ରହିଛି ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସେହି ନିକଟରେ ଅବସ୍ଥିତ, ତେଣୁ ରମାଦେବୀର ଉଚ୍ଚ ମାଧ୍ୟମିକ ଶ୍ରେଣୀ ଓ ୟୁନିଟ ୯ ବାଳିକା ଉଚ୍ଚ ବିଦ୍ୟାଳୟ ସେହି କ୍ୟାମ୍ପସରେ ରଖାଯାଇ ଶିକ୍ଷାଦାନ କରାଯାଉ ବୋଲି ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ସେଠାରେ ପ୍ରାୟ ୪ ଏକର ଜମି ସହିତ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। ତେଣୁ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଗଣଶିକ୍ଷା ସଚିବ ଅଶ୍ୱଥି.ଏସ୍‌ଙ୍କୁ ଚିଠି ଲେଖିବା ସହ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ରଘୁରାମ ଆୟରଙ୍କ ସହ କଥା ହୋଇଛନ୍ତି। ଏହି ପ୍ରସଙ୍ଗରେ ତୁରନ୍ତ ନିଷ୍ପତ୍ତି ନେବାକୁ ଭଟ୍ଟ ଆୟରଙ୍କୁ ଅନୁରୋଧ କରିଛନ୍ତି।

# 'ମିଶ୍ରଣ ଆଳରେ ବିଦ୍ୟାଳୟ ବନ୍ଦ କରୁଛନ୍ତି ସରକାର'

ଭୁବନେଶ୍ୱର,୧୮।୭ (ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ପୁରାତନ ୟୁନିଟ-୯ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ମିଶ୍ରଣ ଆଳରେ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚାଲିଥିବା ଏଆଇଡିଏସ୍‌ଓ ଭୁବନେଶ୍ୱର ସିଟି କମିଟି ଅଭିଯୋଗ ଆଣିଛି। କମିଟି ପକ୍ଷରୁ ଏହି ସ୍କୁଲ ମିଶ୍ରଣକୁ ଦୃଢ଼ ବିରୋଧ କରାଯାଇଛି। ସରକାର ଓ ପ୍ରଶାସନିକ ଅଧିକାରୀମାନେ ଏଭଳି ହୀନ ଚକ୍ରାନ୍ତରୁ କ୍ଷାନ୍ତ ରୁହନ୍ତୁ ବୋଲି ସଙ୍ଗଠନର ଭୁବନେଶ୍ୱର ସଭାପତି ନସିମ ସରକାର, ସମ୍ପାଦିକା ସ୍ୱସ୍ତି ସଙ୍ଗୀତା ଦଳାଇ ଓ ଉପସଭାପତି ସର୍ପୁର୍ଣିନୀ ରାଉଳ ପ୍ରମୁଖ ଚେତାବନୀ ଦେଇଛନ୍ତି। ସଙ୍ଗଠନର କର୍ମକର୍ତ୍ତାମାନେ କହିଛନ୍ତି, ରାଜ୍ୟ ସରକାର ୫-ଟି ମାଧ୍ୟମରେ ବିଦ୍ୟାଳୟର ଉନ୍ନତି ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ତୁମ୍ବିତୋଫାନ କରୁଥିବାବେଳେ ବିଭିନ୍ନ ଆଳରେ ସାରା ରାଜ୍ୟରେ ବିଦ୍ୟାଳୟଗୁଡିକୁ ବନ୍ଦ କରିବାକୁ ଚକ୍ରାନ୍ତ ଚଳାଇଛନ୍ତି। କରୋନା ସମୟରେ ରାଜ୍ୟରେ ୧୪୦୦୦ରୁ ଊର୍ଦ୍ଧ୍ୱ ସରକାରୀ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରିଦିଆଯାଇଛି। ରମାଦେବୀ ଉଚ୍ଚ ବିଦ୍ୟାଳୟକୁ ଜମି ଦେବା ଆଳରେ ୟୁନିଟ-୯ ସରକାରୀ ବାଳିକା ବିଦ୍ୟାଳୟକୁ ବନ୍ଦ କରିବା ସରକାରଙ୍କର ସୁଚିନ୍ତିତ ଷଡ଼ଯନ୍ତ୍ରର ଏକ ଅଂଶବିଶେଷ। ଏହି ବିଦ୍ୟାଳୟକୁ ବନ୍ଦ ନ କରି ବରଂ ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ଭାବେ ଆବଶ୍ୟକ ଜମି ଓ ଭିତ୍ତିଭୂମି ଯୋଗାଇଦେବା ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

# 'ରାଜ୍ୟ ସରକାରଙ୍କ ଷଡ଼ଯନ୍ତ୍ର ଯୋଗୁ ଶିକ୍ଷା ବ୍ୟବସ୍ଥା ଭୁଶୁଡୁଛି'

ଭୁବନେଶ୍ୱର,୧୮।୭ (ଅନୁରାଧା ମହାରଣା)

ରାଜ୍ୟ ଭାଜପାର ଏକ ପ୍ରତିନିଧି ଦଳ ମଙ୍ଗଳବାର ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳ ଅଧ୍ୟୟନରତ ଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରିଥିଲେ। ରାଜ୍ୟ ସରକାର ପ୍ରାୟ ୪.୫ ଏକରରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟକୁ ମିଶ୍ରଣ କରିବାର ମନ୍ଦ ଉଦ୍ଦେଶ୍ୟ ରଖି ବିରାଟ ଷଡ଼ଯନ୍ତ୍ର କରୁଛନ୍ତି। ରାଜଧାନୀର ମଝି ଅଞ୍ଚଳରେ ଥିବା ଏହି ଜମିକୁ ତୃତୀୟ ମହଲା ଇଙ୍ଗିତରେ ହଡପ୍ କରାଯାଉଥିବା ଧରାପଡ଼ିବା ପରେ ବର୍ତ୍ତମାନ ରମାଦେବୀ ବିଶ୍ୱବିଦ୍ୟାଳୟ କଥା କହି ଭ୍ରମିତ କରାଯାଉଛି। ସ୍କୁଲ ବଞ୍ଚିଲେ ଯାଇ କଲେଜ ବଞ୍ଚିବ। ତେଣୁ ସରକାର କୋମଳମତି ଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବାଳିକା ଉଚ୍ଚ ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟାରୁ ନିବୃତ୍ତ ରୁହନ୍ତୁ। ରାଜ୍ୟ ସରକାରଙ୍କ ହୀନ ଷଡ଼ଯନ୍ତ୍ର କାରଣରୁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡିବା ସହିତ ରସାତଳଗାମୀ ହେବାରେ ଲାଗିଛି ବୋଲି ଭାରତୀୟ ଜନତା ପାର୍ଟି (ଭାଜପା) ଅଭିଯୋଗ କରିଛି। ୟୁନିଟ୍-୯ ବାଳିକା ଉଚ୍ଚ ବିଦ୍ୟାଳୟକୁ ବାଳକ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ ପ୍ରସଙ୍ଗରେ ଭାଜପା ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଏହା କହିଛନ୍ତି। ୫-ଟି ନାମରେ ଶିକ୍ଷାନୁଷ୍ଠାନଗୁଡିକରେ ରଙ୍ଗ ଲଗାଇ ରାଜ୍ୟ ସରକାର କେବଳ ଭେଲିକି କରୁଛନ୍ତି। ବିଭିନ୍ନ ଆଳ ଦେଖାଇ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ କରି ଦିଆଯାଉଛି। ଶତ ପ୍ରତିଶତ ଫଳାଫଳ ଦେଉଥିବା ଏହି ବିଦ୍ୟାଳୟ ଏପରି ଷଡ଼ଯନ୍ତ୍ରର ଶିକାର ହେବାକୁ ଯାଉଥିବା ସେ କହିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ମନୋମୁଖୀ ଓ ଏକତରଫା ନିଷ୍ପତ୍ତିକୁ ନେଇ ଅଧ୍ୟୟନରତ ଛାତ୍ରୀ, ପୂର୍ବତନ ଛାତ୍ରୀ ଏବଂ ଅଭିଭାବକ ସମସ୍ତେ ଚିନ୍ତିତ ଓ ମର୍ମାହତ । ଅତୀତ ଦିନଗୁଡ଼ିକରେ ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନକୁ ରାଜ୍ୟ ସରକାର ମାଗଣାରେ ଜମି ଯୋଗାଇ ଦେଇଛନ୍ତି। ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ସମସ୍ତ ଆଇନକାନୁନକୁ ଖିଲାପ କରି ଶହ ଶହ ଏକର ଜମି ଦେଇଥିବା ଭାଜପା ଅଭିଯୋଗ ଆଣିଛି। ୧୯୬୭ ମସିହାରେ ସ୍ଥାପିତ ହୋଇଥିବା ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରାୟ ୪୦୦ ଛାତ୍ରୀ ପାଠ ପଢୁଛନ୍ତି। ମିଶ୍ରଣ ହେବାକୁ ଥିବା ୟୁନିଟ-୯ ବାଳକ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତଭୂମି ଅଭାବ ସତ୍ତ୍ୱେ ପ୍ରାୟ ୯୦୦ ବିଦ୍ୟାର୍ଥୀ ପାଠ ପଢୁଥିବା ଭାଜପା କହିଛି। ଯଦି ମିଶ୍ରଣ ହୁଏ, ତାହେଲେ ଛାତ୍ରୀଛାତ୍ରଙ୍କ ପାଇଁ ଭିତ୍ତିଭୂମିର ବିରାଟ ସମସ୍ୟା ସୃଷ୍ଟି ହେବ ବୋଲି ମଲ୍ଲିକ କହିଛନ୍ତି। ତେଣୁ ରାଜ୍ୟ ସରକାର ଏ ଦିଗରେ ପୁନର୍ବିଚାର କରନ୍ତୁ ବୋଲି ସେ ଦାବି କରିଛନ୍ତି। ବିଦ୍ୟାଳୟ ପରିଦର୍ଶନ କରିଥିବା ଉକ୍ତ ପ୍ରତିନିଧି ଦଳରେ ଭାଜପା ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ତେଜେଶ୍ୱର ପରିଡା, ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ସ୍ଥାନୀୟ କର୍ପୋରେଟର ଅପରୂପ ନାରାୟଣ ରାଉତ ପ୍ରମୁଖ ସାମିଲ ଥିଲେ।



ରାଜ୍ୟ ଭାଜପା ପ୍ରତିନିଧି ଦଳ ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଖଣିରେ ଚଢ଼ାଉ: ପଥର ବୋଝେଇ ଟ୍ରାକ୍ଟର ଜବତ



**ନିରାକାରପୁର,୧୮।୭(ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲାରେ ମାଙ୍କଡ଼ା ପଥର ଓ ମୋରମ ଚୋରାଚାଲାଣ ବଢ଼ିଚାଲିଛି। ସ୍ଥାନୀୟ ତହସିଲ ଓ ପୋଲିସ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଏହିକ୍ରମରେ ଜଙ୍କିଆ ଥାନା ଅଧୀନ ଦେଉଳିପାଟଣା ଅରାଙ୍ଗ ମୌଜାରେ ଦୀର୍ଘ ବର୍ଷ ଧରି ଚାଲିଥିବା ଏକ ବେଆଇନ ମାଙ୍କଡା ପଥର ଖଣିରେ ମଙ୍ଗଳବାର ଟାଙ୍ଗୀ ତହସିଲ ଓ ସ୍ଥାନୀୟ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିବା ବେଳେ ଚାଳକ ଫେରାର ହୋଇଯାଇଛନ୍ତି। ଜବତ ଟ୍ରାକ୍ଟରକୁ ଜଙ୍କିଆ ପୋଲିସ ଜିମା ଦିଆଯାଇଥିବା ତହସିଲଦାର ଜନ୍ମେଜୟ ସାହୁ କହିଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ

**ଟାଙ୍ଗୀ,୧୮।୭(ରଘୁନାଥ ସାହୁ):** ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନାରେ ନୂତନ ଆଇଆଇସି ଭାବେ ସୁଶାନ୍ତ କୁମାର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ଥିବା ଥାନା ନୀରିକ୍ଷକ ଦିଗ୍ ବିଜୟ ବିଶ୍ୱାଳ ନୟାଗଡ଼ ଜିଲାକୁ ବଦଳି ହେବା ପରେ ଏହି ପଦବୀ ଖାଲି ପଡିଥିଲା। ଜନସାଧାରଣଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା, ନିଶା କାରବାର ରୋକିବା ଏବଂ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆଦି ମୂଳ ଲକ୍ଷ୍ୟ ରହିବ ବୋଲି ନୂତନ ଆଇଆଇସି ବେହେରା ପ୍ରକାଶ କରିଛନ୍ତି।

### ୩ ସ୍ଥାନରୁ ଚୋରି ଅଭିଯୋଗ

**ବୋଲଗଡ଼,୧୮।୭(ଦେବବ୍ରତ ହୋତା):** ବୋଲଗଡ଼ ଥାନା ଅଧୀନ ବଡ଼କୁମାରୀ ପଞ୍ଚାୟତ ଅଞ୍ଚଳରେ ସୋମବାର ୩ଟି ସ୍ଥାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସାନକୁମାରୀ ଗ୍ରାମର ଯୋଗେଶ୍ୱର ଖଣ୍ଡାଇଙ୍କ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ସୁନାଅଳଙ୍କାର ସହିତ ୧୪ହଜାର ଟଙ୍କା ନେଇଯାଇଛନ୍ତି। ଏନେଇ ଯୋଗେଶ୍ୱର ବାଙ୍କୋଇ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସେହିପରି ଏହି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ଘରୁ ଏକ ବାଇକ୍ ଚୋରି ହୋଇଛି। କାଉଁରିପାଟଣା ଗ୍ରାମର ରବୀନ୍ଦ୍ର କୁମାର ବେହେରାଙ୍କ ବାଇକକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛନ୍ତି। ଏନେଇ ରବୀନ୍ଦ୍ର ସ୍ଥାନୀୟ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ବାଙ୍କୋଇ ଫାଣ୍ଡି ଅଧିକାରୀ ସଂଗ୍ରାମ କୁମାର ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ପେସା ସରକାରୀ ଚାକିରି, ନିଶା ବୃକ୍ଷରୋପଣ



**କୃଷ୍ଣପ୍ରସାଦ,୧୮।୭(କୈଳାଶ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟରେ ତୃତୀୟ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି କାଶିମ ମହମ୍ମଦ। ପେସାରେ ସେ ସରକାରୀ ଚାକିରି କରିଥିଲେ ମଧ ନିଶା ତାଙ୍କର ବୃକ୍ଷରୋପଣ। ବ୍ଲକ ପରିସରରେ ସେ ଲଗାଇଥିବା ଗଛଗୁଡ଼ିକର ଯତ୍ନ ନେବା ସହ ବିଭିନ୍ନ ସ୍ଥାନରେ ଚାରାରୋପଣ କରିଛନ୍ତି। ଏଥିସହ ଅନ୍ୟମାନଙ୍କୁ ଚାରାରୋପଣ କରିବା ପାଇଁ ପ୍ରେରଣା ଦେଇଆସୁଛନ୍ତି। ଚାରାରୋପଣ ଭଳି ମହତ୍ କାର୍ଯ୍ୟକୁ ଆପଣେଇ ନେଇଥିବା କାଶିମଙ୍କୁ ସ୍ଥାନୀୟ ବିଡିଓ ମନୋଜ କୁମାର ନାୟକ, ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ, ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମ ପ୍ରଶଂସା କରିବା ସହ ତାଙ୍କର ନିରାମୟ ଭବିଷ୍ୟତ କାମନା କରିଛନ୍ତି।

# ଗାଳି ସହି ନ ପାରି ହତ୍ୟା କରିଥିଲେ

**ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ହତ୍ୟା ଘଟଣା**

- ମୃତାଙ୍କ ପରିଚୟ ମିଳିନି, ଅଭିଯୁକ୍ତ ଗିରଫ
- ଖଣ୍ଡା, ସାଇକେଲ ଓ ମୋବାଇଲ ଜବତ



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ ସୂଚନା ଦେଉଛନ୍ତି।

**ବାଣପୁର(ଶଙ୍କର ବସ୍ତି)/ଗମ୍ଭାରୀମୁଣ୍ଡା, ୧୮।୭(ଦିଲୀପ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଗାଲୁଆ ଛକ ଅଳିଆଗଦା ନିକଟରେ ଗତ ୧୨ତାରିଖ ରାତିରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ହତ୍ୟା କରାଯାଇଥିଲା। ତେବେ ମୃତାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଏହି ହତ୍ୟାକାଣ୍ଡର ଅଭିଯୁକ୍ତ ବଡ଼ହନୁଆଡ଼ ଗ୍ରାମର ଚୈତନ୍ୟ ନାୟକ ଓରଫ ରବି(୩୦)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଖଣ୍ଡା, ସାଇକେଲ, ଟି-ଶାର୍ଟ, ଟ୍ରାକ୍ ପ୍ୟାଣ୍ଟ ଓ ଟାୱେଲ ଜବତ କରାଯାଇଛି। ଘଟଣା ଦିନ ରାତିରେ ମାନସିକ ବିକାରଗ୍ରସ୍ତ ମହିଳା ଜଣଙ୍କ କୌଣସି କାରଣକୁ ନେଇ ରବିଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ରବି ପ୍ରତିଶୋଧପରାୟଣ ହୋଇ ମହିଳାଙ୍କୁ ହତ୍ୟା କରିଥିଲେ ବୋଲି ମଙ୍ଗଳବାର ବାଣପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ ସୂଚନା ଦେଇଛନ୍ତି।

ସୂଚନାଥାଉ କି, ଗାଲୁଆ ଛକରେ ଥିବା ଅଳିଆଗଦାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି ଗତ ୧୩ ତାରିଖ ସକାଳେ ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିଥିଲା। ଗତ ୧୨ ତାରିଖ (ବୁଧବାର) ରାତି ୧ଟା ୨୫ରେ ମହିଳା ଜଣଙ୍କ ଅଳିଆଗଦାରୁ କିଛି ଖାଦ୍ୟ ଖାଉଥିଲେ। ଏହି ସମୟରେ କେହି ଜଣେ ଦୁର୍ବୃତ୍ତ ସେଠାରେ ପହଞ୍ଚି ହଠାତ୍ ଏକ ଖଣ୍ଡାରେ ପଛପଟୁ ମହିଳାଙ୍କୁ ଆକ୍ରମଣ କରୁଥିବା ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୯/୨୩)ରୁଜୁ ହୋଇଥିଲା। ଅନ୍ୟପକ୍ଷରେ ମୃତାଙ୍କ ପରିଚୟ ପାଇଁ ତଦନ୍ତ ଜାରି ରହିଛି ବୋଲି ଅତିରିକ୍ତ ଏସ୍‌ପି ମୁଣ୍ଡ କହିଛନ୍ତି।

**ଗଠନ ହୋଇଥିଲା ୨ ଟିମ୍**

ଏହି ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ବାଣପୁର ଆଇଆଇସି ରମେଶ କୁମାର ଦେବତା ଓ ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କୁ ନେଇ ଦୁଇଟି ଟିମ୍ ଗଠନ କରାଯାଇଥିଲା। ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ ହୋଇଥିଲା। ବିଭିନ୍ନ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଥିଲା। ପରେ ପୋଲିସ ଅଭିଯୁକ୍ତ ରବିଙ୍କୁ ତାଙ୍କ ଘରୁ ଉଠାଇ ଆଣି ପଚରାଉଚରା ବେଳେ ସେ ଦୋଷ ସ୍ୱୀକାର କରିଥିଲେ।

# ଶିଳ୍ପାଞ୍ଚଳରେ ଶୀତଳଯାନ ଉଦ୍‌ଘାଟିତ



ଶୀତଳଯାନ ଉଦ୍‌ଘାଟନ ଅବସରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୧୮।୭(ପ୍ରଭାତ ପାଣିଗ୍ରାହୀ)**

ଏଣିକି ଚାଷୀଙ୍କ ପନିପରିବା, ଫୁଲ ସଂରକ୍ଷିତ ନେଇ ସମସ୍ୟା ଉପୁଜିବ ନାହିଁ। ଜାତୀୟ ଉଦ୍ୟାନ କୃଷି ମିଶନ ଅନ୍ତର୍ଗତ ଅମଳ ପରବର୍ତ୍ତୀ ଫୁଲ, ଫଳ ଏବଂ ପନିପରିବାକୁ ଠିକ୍ ପରିଚାଳନା ନିମନ୍ତେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ପିଆଇବି ସୁପର ଫୁଡ୍ ପ୍ରାଇଭେଟ ଲିମିଟେଡ୍ ପରିସରରେ ଆବଶ୍ୟକୀୟ ଶୀତଳ ଶୃଙ୍ଖଳା ବ୍ୟବସ୍ଥାରେ ୮ ମେଟ୍ରିକ୍ ଟନ୍ କ୍ଷମତାବିଶିଷ୍ଟ ଶୀତଳଯାନର ବ୍ୟବସ୍ଥା କରାଯାଇଛି। ଏହାକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସ୍ମିତା ମହାନ୍ତି, ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ ପରିଡା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଗାୟତ୍ରୀ ମହାପାତ୍ର, ସହକାରୀ ଉଦ୍ୟାନ କୃଷି ଯନ୍ତ୍ରୀ ଓମ୍ ଶୁଭମ ନାୟକ, ବ୍ୟାଙ୍କ ଅଫ ମହାରାଷ୍ଟ୍ର ନୟାପଲ୍ଲୀ ଶାଖାର ମୁଖ୍ୟ ପ୍ରବନ୍ଧକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ପିଜୁଳି, ପଣସ, ଅମୃତଭଣ୍ଡା ଚାଷ ଉପରେ ଗୁରୁତ୍ୱ ଦେବା ସହ ଆଗାମୀ ଦିନରେ ଏହାର ପ୍ରକ୍ରିୟାକରଣ ଦ୍ୱାରା ମୂଲ୍ୟ ବୃଦ୍ଧି ଘଟାଇ ବିକ୍ରୟ ବ୍ୟବସ୍ଥା କରାଗଲେ ଜିଲାର ଚାଷୀଙ୍କ ଆୟବୃଦ୍ଧିରେ ସହାୟକ ହେବ ବୋଲି ଜିଲାପାଳ କହିଛନ୍ତି।

# ୧୦୯ ବ୍ୟବସାୟ ପ୍ରତିଷ୍ଠାନକୁ ନୋଟିସ

**ଓଡ଼ିଆରେ ନାମ ଫଳକ ପ୍ରସଙ୍ଗ**

- ଖୋର୍ଦ୍ଧା ଓ ଭୁବନେଶ୍ୱରରେ ଶ୍ରମ ବିଭାଗର ଚଢ଼ାଉ

**ଖୋର୍ଦ୍ଧା,୧୮।୭(ପ୍ରଭାତ ପାଣିଗ୍ରାହୀ)**

ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହି କ୍ରମରେ ଶ୍ରମ ଆୟୁକ୍ତ ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ମଣ୍ଡଳ ଶ୍ରମ ଆୟୁକ୍ତ(ଡିଏଲ୍‌ସି) ପ୍ରଣବ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ଖୋର୍ଦ୍ଧା ଓ ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୧୦୯ଟି ବ୍ୟବସାୟିକ ପ୍ରତିଷ୍ଠାନକୁ ନୋଟିସ ଜାରି କରିଛନ୍ତି। ଖୋର୍ଦ୍ଧା ସହରର ବିଭିନ୍ନ ହୋଟଲ, ରେଷ୍ଟୁରାଣ୍ଟ, ବ୍ୟବସାୟିକ ଦୋକାନ, ବଜାର ସମେତ ଭୁବନେଶ୍ୱର ମହାନଗର ନିଗମର ପଟିଆ, ମାଷ୍ଟର କ୍ୟାଣ୍ଟିନ, ୟୁନିଟ-୨, ଶହୀଦନଗର ଆଦି ଅଞ୍ଚଳରେ ଚଢ଼ାଉ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ଭୁବନେଶ୍ୱରର ରଶ୍ମିତା କୁମାରୀ ପାତ୍ର, ପିପାସା ମହାପାତ୍ର, କାଳିପୁତ୍ର କୁଳଦୀପ ପ୍ରସାଦ, ସୌମ୍ୟା ରଞ୍ଜିତା ଦଳାଇ, ପ୍ରଭାକର ବିଶ୍ୱାଳ ଏବଂ ଖୋର୍ଦ୍ଧା ସହକାରୀ ଶ୍ରମ ଅଧିକାରୀ ମୋନାଲିସା ଜେନା, ପ୍ରଜ୍ଞା ପାରମିତା ସାହୁ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ। ସରକାରୀ ନିୟମକୁ ଉଲ୍ଲଂଘନ କିମ୍ବା ଖିଲାପ କଲେ ପ୍ରଥମଥର ୫ ହଜାର ଓ ଦ୍ୱିତୀୟ ଥର ୨୫ ହଜାର ଜରିମାନା ବ୍ୟବସ୍ଥା ହୋଇଥିବା ଶ୍ରମ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଣିକି ପ୍ରତି ସପ୍ତାହରେ ଏହି ନିରୀକ୍ଷଣ କରାଯିବ ବୋଲି ଡିଏଲସି ପ୍ରଣବ କୁମାର ପାତ୍ର କହିଛନ୍ତି।




ଖୋର୍ଦ୍ଧା ବ୍ଲକ ଉଚ୍ଚ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

# 'ନିରନ୍ତର ପ୍ରୟାସ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ'

**ବ୍ଲକସ୍ତରୀୟ ବିଜ୍ଞାନ ମେଳା**

**ଖୋର୍ଦ୍ଧା,୧୮।୭(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ନିର୍ଦ୍ଦେଶାନୁସାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନରେ ଖୋର୍ଦ୍ଧା ବ୍ଲକ ଉଚ୍ଚ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ଭରତ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ଏବଂ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ରଥ କୁନି ବୈଜ୍ଞାନିକମାନଙ୍କୁ ବିଜ୍ଞାନ କ୍ଷେତ୍ରରେ ନୂତନ ଉଦ୍ଭାବନ ଓ ଆବିଷ୍କାର କରି ଆମ ଦେଶର ନାମକୁ ବିଶ୍ୱରେ ଏକ ନୂତନ ପରିଚୟ ଦେବାକୁ ପରାମର୍ଶ ଦେଇଥିଲେ। ନିରନ୍ତର ପ୍ରୟାସ ନୂତନ ଉଦ୍ଭାବନକୁ ଜନ୍ମ ଦେଇଥାଏ। ଆମ ଦେଶର ବୈଜ୍ଞାନିକମାନଙ୍କ କଠିନ ପରିଶ୍ରମ, ନିରନ୍ତର ପ୍ରୟାସ ଯୋଗୁ ଚନ୍ଦ୍ରୟାନ-୩ର ସଫଳ ଉତ୍କ୍ଷେପଣ ହୋଇପାରିଛି। ସେଭଳି ଆଜିର ଶିକ୍ଷାର୍ଥୀମାନେ ନିଜର ପ୍ରତିଭା ବଳରେ ଭବିଷ୍ୟତରେ ଚନ୍ଦ୍ର ସଦୃଶ ଉଦୀୟମାନ ହୋଇ ନିଜର ଲକ୍ଷ୍ୟ ସାଧନ କରିବାକୁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ବିଜ୍ଞାନ ମେଳାରେ ୩୩ଟି ବିଦ୍ୟାଳୟର ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିରୁ ବିଚାରକ ମଣ୍ଡଳୀ ଦ୍ୱାରା ୧୦ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। ମହାମାୟା ସରକାରୀ ହାଇସ୍କୁଲ ମୁକ୍ତାପୁରର ସ୍ଥିତିପ୍ରଜ୍ଞା ମହାନ୍ତି, ସରକାରୀ ଉଚ୍ଚ ବିଦ୍ୟାଳୟ ବଙ୍ଗିଦାର ରାଜଶ୍ରୀ ରଜନୀଗନ୍ଧା ଦେଉରି, ଚିନ୍ତାମଣି ସରକାରୀ ଉଚ୍ଚ ବିଦ୍ୟାଳୟ ନରଣଗଡ଼ର ଟ୍ୟୁଙ୍କଲ୍ ପଣ୍ଡା, ସରକାରୀ ଉଚ୍ଚ ବିଦ୍ୟାଳୟ ପଲାତୋଟାପଡ଼ାର ପାୟଲ ଛୋଟରାୟ, ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଳବାଇର ବିଶ୍ୱବନ୍ଦିତା ରାଉତ ବର୍ମା, ବି.ଜେ.ବି. ସରକାରୀ ଉଚ୍ଚ ବିଦ୍ୟାଳୟର ଶାଶ୍ୱତ ମହାପାତ୍ର, ସ୍ୱପ୍ନେଶ୍ୱର ବିଦ୍ୟାପୀଠ କୁମ୍ଭିଲୋର କରୁଣାକର ସାହୁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାର ସ୍ମିତାଶ୍ରୀ ମିଶ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ ବାଜପୁରର ବିଶ୍ୱରଞ୍ଜନ ବେହେରା, ସରକାରୀ ଉଚ୍ଚ ବିଦ୍ୟାଳୟ ପୁରୁସାହିର ଦେବାର୍ଚ୍ଚନ ଦାସ ପ୍ରମୁଖ ଉନ୍ନୀତ ହୋଇଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ସଂଯୋଜନା କରିଥିଲେ। ଖୋର୍ଦ୍ଧା ବ୍ଲକର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ରବି ନାରାୟଣ ପଣ୍ଡା, ରେବତୀ ପଣ୍ଡା, ପ୍ରଦ୍ୟୁମ୍ନ ମିଶ୍ର, ସୁଶାନ୍ତ କୁମାର ସାହୁ, ରବି ନାରାୟଣ ସାହୁ, ଅମିୟ କୁମାର ପରିଡ଼ା, ଧ୍ରୁବ ଚରଣ ରଣା, ବିକାଶ ମୁଦୁଲି, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ଭାଗ୍ୟଶ୍ରୀ ମହାପାତ୍ର, ଅମିୟ ଜେନା, ରବୀନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଛଣଘର ପଞ୍ଚାୟତ ପିଅନଙ୍କ ଦରମା ବୃଦ୍ଧି ପାଇଁ ଦାବି

**ଜଟଣୀ,୧୮।୭(ରବୀନ୍ଦ୍ର ନାଥ ମହାକୁଡ଼)**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ କୁସୁମାଟି ଛଣଘର ପଞ୍ଚାୟତରେ ଦୀର୍ଘଦିନ ଧରି ପିଅନ ଭାବେ କାର୍ଯ୍ୟରତ ରାକେଶ କୁମାର ନାୟକଙ୍କ ମାସିକ ଦରମା ୩୦୦ଟଙ୍କା। ଦରମା ବୃଦ୍ଧି ପାଇଁ ରାକେଶ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସ୍ଥାନୀୟ ବିଡିଓ ଏବଂ ସରପଞ୍ଚଙ୍କ ନିକଟରେ ଦାବି କରିଆସୁଥିଲେ ମଧ କୌଣସି ସୁଫଳ ମିଳିଲା ନାହିଁ। ଫଳରେ ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଗତ ସୋମବାର ଜଟଣୀ ବ୍ଲକ ସଭାଗୃହରେ ହୋଇଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ସେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଓ ବିଡିଓ ସରୋଜ କୁମାର ରାଉତ ପହଞ୍ଚି ରାକେଶଙ୍କୁ ବୁଝାଶୁଝା କରିଥିଲେ। ନ୍ୟାୟ ପ୍ରଦାନ ଲାଗି ପ୍ରତିଶ୍ରୁତି ଦେବା ପରେ ସେ ଧାରଣାରୁ ହଟିଥିଲେ। ଏ ସମ୍ପର୍କରେ ବିଡିଓ ରାଉତ କହିଛନ୍ତି, ଏହି ସମସ୍ୟାର ସମାଧାନ କରିବା ସମ୍ପୂର୍ଣ୍ଣ ଦାୟିତ୍ୱ ଗ୍ରାମପଞ୍ଚାୟତର। ପଞ୍ଚାୟତର ଆୟକୁ ଦେଖି କର୍ମଚାରୀଙ୍କ ଦରମା ଧାର୍ଯ୍ୟ ହୋଇଥାଏ। ଉକ୍ତ ସମସ୍ୟା ଓ ଅଭିଯୋଗକୁ ଆଧାର କରି ସ୍ଥାନୀୟ ସରପଞ୍ଚଙ୍କ ସହିତ ଆଲୋଚନା କରିଛି। ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ରାଉତ କହିଛନ୍ତି।

## 'ତୃଣମୂଳ ସ୍ତରରୁ ସଙ୍ଗଠନକୁ ମଜଭୁତ କର'



କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ବିଧାୟକ ଏବଂ ଅନ୍ୟମାନେ।

**ଗମ୍ଭାରୀମୁଣ୍ଡା,୧୮।୭(ଦିଲୀପ ସ୍ୱାଇଁ)**

ବାଣପୁରସ୍ଥିତ ମା'ମେଘାମ୍ବରୀ ନିକଟରେ ଥିବା କଲ୍ୟାଣ ମଣ୍ଡପରେ ବିଜୁ ଜନତା ଦଳ ଚିଲିକା ନିର୍ବାଚନମଣ୍ଡଳୀର ଜିଲା ପରିଷଦ ଜୋନ୍ ନମ୍ବର ୧୫ରେ ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣାଙ୍କ ନେତୃତ୍ୱରେ ଆମ ଓଡ଼ିଶା, ନବୀନ ଓଡ଼ିଶା କର୍ମକର୍ତ୍ତାଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ, ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ମାନସିଂହ, ଜିଲା ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ଜେନା, ଜିଲା ସହପର୍ଯ୍ୟବେକ୍ଷକ ରାଜା ଚକ୍ର, ବାଣପୁର ବିଜ୍ଞାପିତ ଅଞ୍ଚଳ ଅଧ୍ୟକ୍ଷ ମିଟୁ ନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ମା'ଭଗବତୀଙ୍କ ଦର୍ଶନ ସାରି ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ୨୦୨୪ରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ କର୍ମୀମାନେ ଶପଥ ନେଇଥିଲେ। ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ସହ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଅତିଥିମାନେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଅନ୍ୟ ଜୋନ୍‌ଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲା ସଭାପତି କହିଥିଲେ।

## ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ଯୋଗଦେବେ ସୁଦର୍ଶନ

**ପୁରୀ,୧୮।୭(ଅଜିତ ମହାନ୍ତି)**

ଆସନ୍ତା ଅଗଷ୍ଟରେ ଆମେରିକାର ବିଭିନ୍ନ ସହରରେ ବାଲୁକା କଳା ଦ୍ୱାରା ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ନେଇ ଏକ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଭାରତରୁ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଯୋଗଦେବେ। ଏଥିନିମନ୍ତେ ଆମେରିକା ତରଫରୁ ତାଙ୍କୁ ନିମନ୍ତ୍ରଣ କରାଯାଇଛି। ତେବେ କାର୍ଯ୍ୟକ୍ରମରେ ବିଶ୍ୱର ୨୩ଟି ଦେଶର ବାଲୁକାଶିଳ୍ପୀ, ବିଭିନ୍ନ କଳାକାର ଯୋଗଦେଇ ବାଲୁକାକଳା ମାଧ୍ୟମରେ କିପରି ସମାଜରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇପାରିବ ସେନେଇ ଆଲୋକପାତ କରିବେ। ଏହି କାର୍ଯ୍ୟକ୍ରମ ଆମେରିକାର ବିଭିନ୍ନ ସହରରେ ୩ ସପ୍ତାହ ଧରି ଅନୁଷ୍ଠିତ ହେବ।

## ଛାତ୍ର ବିଜେଡି ପକ୍ଷରୁ କଲେଜରେ ଖୋଲିଲା ହେଲ୍ପ ଡେସ୍କ

**ନିରାକାରପୁର,୧୮।୭(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ 'ହେଲ୍ପ ଡେସ୍କ' ଖୋଲାଯାଇଛି। ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର କିଭଳି ସୁବିଧାରେ ଆଡ୍‌ମିଶନ କାର୍ଯ୍ୟ ସାରି ଫେରିବେ ସେଥିପାଇଁ ସଚେତନ କରିବା ସହ ସେମାନଙ୍କୁ ସହାୟତା ଯୋଗାଇଦେବା ଏହାର ଲକ୍ଷ୍ୟ। ଉକ୍ତ ହେଲ୍ପ ଡେସ୍କ କେବଳ ଆଡ୍‌ମିଶନ ସମୟ ପାଇଁ ଉଦ୍ଦିଷ୍ଟ ବୋଲି ଜଣାପଡିଛି। ଲକ୍ଷ୍ମୀକାନ୍ତ ପ୍ରଧାନ ଓ ଚିତ୍ତ ରଞ୍ଜନ ମହାରଣାଙ୍କ ନେତୃତ୍ୱରେ ରଶ୍ମିରଞ୍ଜନ ପ୍ରଧାନ, ଶକ୍ତି ପ୍ରସାଦ ରାଉତରାୟ, ରୁଦ୍ର ପ୍ରସାଦ ସେନାପତି, ଶୁଭେନ୍ଦୁ କୁମାର ସୁନ୍ଦରାୟ, ସଞ୍ଜୟ ପ୍ରଧାନ ପ୍ରମୁଖ ହେଲ୍ପ ଡେସ୍କର ଆୟୋଜନ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ କଲେଜ ପରିସରରେ ଖୋଲିଥିବା ହେଲ୍ପ ଡେସ୍କ ସମ୍ପର୍କରେ ଜାଣିନାହିଁ ବୋଲି ଅଧକ୍ଷା ପ୍ରତିଭାମୟୀ ମିତ୍ର କହିଛନ୍ତି।




କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପରିସରରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ 'ହେଲ୍ପ ଡେସ୍କ' ଖୋଲାଯାଇଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ସ୍ୱଚ୍ଛତାକୁ ଗୁରୁତ୍ୱ

**ବ୍ଲକସ୍ତରୀୟ ଜନଶୁଣାଣି ଶିବିର**

**କୃଷ୍ଣପ୍ରସାଦ, ୧୮।୭ (କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସଂକ୍ରାନ୍ତ ଏକ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ମନୋଜ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଜିଲା ଅତିରିକ୍ତ ନିର୍ବାହୀ ଅଧିକାରୀ ରଶ୍ମିରେଖା ଦାସ ଯୋଗଦେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ସ୍ୱଚ୍ଛତା ପାଇଁ ସାମାଜିକ ସମୀକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷର ସମୀକ୍ଷା କରାଯାଇଥିଲା। ଜିଲା ସାମାଜିକ ସମୀକ୍ଷକ ରାଜକିଶୋର ପରିଡ଼ା ସମସ୍ତ ତଥ୍ୟ ରଖିଥିଲେ।



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମଗିରି ବିଧାୟକଙ୍କ ପ୍ରତିନିଧି ରବୀନ୍ଦ୍ର ନାଥ ସାହୁ, କୃଷ୍ଣପ୍ରସାଦ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ବ୍ଲକ ସାମାଜିକ ସମୀକ୍ଷକ ଅର୍ଚ୍ଚନା ଦଳାଇ, ଏପିଓ ଅଭିନ୍ନ କୁମାର ପଲାଇ, ସିପି ପ୍ରଭାତ କୁମାର ଜେନା, ଏସିପି ସୌଭାଗ୍ୟ କୁମାର ବଳିୟାରସିଂହ, ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ସ୍ୱଚ୍ଛତା ରଖି କାର୍ଯ୍ୟ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ମୁଖ୍ୟ କିରାଣି କୁବେର ଜେନା, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ, ମନୋଜ କୁମାର ସ୍ୱାଇଁ, ଜିତେନ୍ଦ୍ର ଦାସ, ରାଜସ୍ୱ ସହାୟକ ତତ୍ତ୍ୱଦର୍ଶୀ ସେଠୀ, କାଶିମ ମହମ୍ମଦ, ଆଲୋକ କୁମାର ଖୁଣ୍ଟିଆ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜନପ୍ରତିନିଧି, ଜବ୍‌କାର୍ଡଧାରୀ ହିତାଧିକାରୀ, ଭିଆର୍‌ପି ଏବଂ ଗାଁ ସାଥୀମାନେ ଶିବିରରେ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୭।୨୦୨୩

| ୪,୮୪,୭୦୮ ଟଙ୍କା | |
|---|---|
| ସୁନା | ୭୮୦ ମିଲିଗ୍ରାମ୍ |
| ରୁପା | ୨୯.୭୫୦ ଗ୍ରାମ୍ |

## ସଂକ୍ଷେପରେ

### ଶତାୟୁ ଦାମୋଦର ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୧୮।୭ (ଅଭିଜିତ ଦାସ): ଅବସରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ତଥା ସ୍ୱାଧୀନତା ସଂଗ୍ରାମୀ ଦାମୋଦର ମହାନ୍ତିଙ୍କ ଗତ ରବିବାର ଭୁବନେଶ୍ୱରସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି। ୧୯୨୨ ଜୁଲାଇ ୭ରେ ଦାମୋଦର ପୁରୀ ଜିଲା ନିମାପଡ଼ାର ଜଇନାବାଦ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ନିମାପଡ଼ା ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବାବେଳେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ପାଟଣା ବିଶ୍ୱ ବିଦ୍ୟାଳୟରୁ ପାରମ୍ପରିକ ଶିକ୍ଷା ଶେଷ କରି ପୋଲିସ ବିଭାଗରେ ଯୋଗ ଦେଇଥିଲେ। ୧୯୮୨ରେ ସେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଅବସରର ପରେ ଦାମୋଦର ମହାନ୍ତି ଅନେକ ଗଳ୍ପ ରଚନା କରିଥିଲେ। ପାରବ୍ରହ୍ମ ହିଁ ସତ୍ୟ, ଧର୍ମ ଏକ ଜ୍ୱଳନ୍ତ ବର୍ତ୍ତିକା, ଜୀବାତ୍ମାର ରହସ୍ୟ, ବିଶ୍ୱକର୍ମାଙ୍କ ଯାନରେ ବ୍ରହ୍ମାଣ୍ଡ, ଜ୍ଞାନଦୀପ ଭଳି ଅନେକ ସାହିତ୍ୟ ସେ ରଚନା କରିଛନ୍ତି। ତାଙ୍କ ଦେହାନ୍ତ ଖବର ପାଇବା ପରେ ସ୍ଥାନୀୟ କର୍ପୋରେଟର ଓ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। କନିଷ୍ଠ ପୁତ୍ର ତଥା ପୂର୍ବତଟ ରେଳପଥର ଲୋକ ସମ୍ପର୍କ ଅଧିକାରୀ ନିହାର ରଞ୍ଜନ ମହାନ୍ତିଙ୍କ ପାଖରେ ସେ ଦୀର୍ଘ ବର୍ଷ ହେବ ରହି ଆସୁଥିଲେ।

### ନରସିଂହ ସଭାପତି, ଦୁର୍ଗାପ୍ରସାଦ ସମ୍ପାଦକ

**ଛତାର ନିଯୋଗର କର୍ମକର୍ତ୍ତା ଚୟନ**

ପୁରୀ, ୧୮।୭ (ଅଜିତ୍ ମହାନ୍ତି)- ଶ୍ରୀମନ୍ଦିରର ଛତିଶା ନିଯୋଗ ମଧ୍ୟରୁ 'ଛତାର ନିଯୋଗ' ଅନ୍ୟତମ ନିଯୋଗ ଅଟେ। ତେବେ ଛତାର ନିଯୋଗର ସର୍ବସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବସାଧାରଣ ସଦସ୍ୟମାନଙ୍କ ଉପସ୍ଥିତିରେ ମତଦାନ ପ୍ରକ୍ରିୟା ମାଧ୍ୟମରେ ନିଯୋଗରେ ଆଇନ ଉପଦେଷ୍ଟା ପଦରେ ଦୀପକ ପଣ୍ଡାଙ୍କୁ ଚୟନ କରାଯାଇଛି। ସେହିପରି ମତଦାନ ପ୍ରକ୍ରିୟା ମାଧ୍ୟମରେ ନରସିଂହ ପଣ୍ଡା (କାଳିଆ)ଙ୍କୁ ସଭାପତି ଏବଂ ଦୁର୍ଗାପ୍ରସାଦ ପଣ୍ଡା (ଟୁନା)ଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି। ଏଥି ସହ କୋଷାଧ୍ୟକ୍ଷ ଭାବେ କାର୍ତ୍ତିକ ପଣ୍ଡାଙ୍କୁ ନିଯୋଗର ସଦସ୍ୟମାନେ ଚୟନ କରିଛନ୍ତି। ସେହିପରି ନିଯୋଗର ପରିଚାଳନା କମିଟିର କାର୍ଯ୍ୟକାରୀ କର୍ମକର୍ତ୍ତା ଭାବେ ରଘୁନାଥ ପଣ୍ଡା, ନୃସିଂହ କର (ବଡ଼), ମାନଗୋବିନ୍ଦ ପଣ୍ଡା, ରାଜକିଶୋର ପଣ୍ଡା, ଦାମୋଦର ପଣ୍ଡା, ରାଧାମାଧବ ପଣ୍ଡା ଏବଂ ପ୍ରଦୀପ କୁମାର ପଣ୍ଡାଙ୍କୁ ଚୟନ କରାଯାଇଛି।

### ପେସା ସରକାରୀ ଚାକିରି, ନିଶା ବୃକ୍ଷରୋପଣ

କୃଷ୍ଣପ୍ରସାଦ, ୧୮।୭ (କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟରେ ତୃତୀୟ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି କାଶିମ ମହମ୍ମଦ। ପେଶାରେ ସେ ସରକାରୀ ଚାକିରି କରିଥିଲେ ମଧ୍ୟ ନିଶା ତାଙ୍କର ବୃକ୍ଷରୋପଣ। ବ୍ଲକ ପରିସରରେ ସେ ଲଗାଇଥିବା ଗଛଗୁଡ଼ିକର ଯତ୍ନ ନେବା ସହ ବିଭିନ୍ନ ସ୍ଥାନରେ ଚାରାରୋପଣ କରିଛନ୍ତି। ଏଥିସହ ଅନ୍ୟମାନଙ୍କୁ ଚାରାରୋପଣ କରିବା ପାଇଁ ପ୍ରେରଣା ଦେଇଆସୁଛନ୍ତି। ଚାରାରୋପଣ ଭଳି ମହତ୍ କାର୍ଯ୍ୟକୁ ଆପଣେଇ ନେଇଥିବା କାଶିମଙ୍କୁ ସ୍ଥାନୀୟ ବିଡିଓ ମନୋଜ କୁମାର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମ ପ୍ରଶଂସା କରିବା ସହ ତାଙ୍କର ନିରାମୟ ଭବିଷ୍ୟତ କାମନା କରିଛନ୍ତି।

# ନିଶା କବଳରେ ଛାତ୍ର, ଯୁବପିଢ଼ି

■ ସନ୍ଧ୍ୟାହେଲେ ସ୍କୁଲ, ଅଫିସ ବାରଣ୍ଡା ପାଲଟୁଛି ନିଶାଖୋରଙ୍କ ଆଡ୍ଡାସ୍ଥଳୀ

■ ରାତ୍ର ପାଟ୍ରୋଲିଂ କରିବାକୁ ଅଞ୍ଚଳବାସୀଙ୍କ ଦାବି

ବ୍ରହ୍ମଗିରି, ୧୮।୭ (ସ୍ୱାଧୀନ ଚମ୍ପତିରାୟ): ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ନିଶା କବଳରେ। ବେଆଇନ ଭାବେ ଧଳା ଜହର, ଗଞ୍ଜେଇ ଓ ମଦ କାରବାର ଦିନକୁଦିନ ବଢିବା ସହିତ ନିଶାଖୋରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ନିଶା କବଳରେ ପଡ଼ି କଲେଜ ଛାତ୍ର ଓ ଯୁବପିଢ଼ି ଦିଗହରା ହେଉଛନ୍ତି। ବ୍ରହ୍ମଗିରିରେ ଦିନକୁ ଦିନ ନିଶା କାରବାର ବଢ଼ିବାରେ ଲାଗିଛି। ନିଶା କାରବାର ଓ ନିଶାଖୋରଙ୍କୁ ରୋକିବା ପାଇଁ ବ୍ରହ୍ମଗିରି ଅଞ୍ଚଳର କିଛି ନିଶା ବିରୋଧୀ ମହିଳା ଗୋଷ୍ଠୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ଦ୍ୱାରା ଅନେକ ସମୟରେ ନିଶାମୁକ୍ତ ଆନ୍ଦୋଳନ ହେଉଛି। କିନ୍ତୁ ବ୍ୟବସାୟୀ, ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନର ମଧୁଚନ୍ଦ୍ରିକାରେ ସବୁ କାଟ ଖାଉଛି। କେବଳ ସେତିକି ନୁହେଁ ନିର୍ଦ୍ଦିଷ୍ଟ ସ୍ଥାନରେ ମଦ ଦୋକାନ ଓ ଭାଙ୍ଗଦୋକାନ ଖୋଲିବା ପାଇଁ ବ୍ୟବସାୟୀ ସରକାରଙ୍କଠାରୁ ଲାଇସେନ୍ସ ପାଉଥିବା ବେଳେ ବ୍ୟବସାୟ ବୃଦ୍ଧି ପାଇଁ ଚେର ବଢାଉଥିବା ଅଭିଯୋଗ ହେଉଛି। ଏମିତିକି ଗୋଟିଏ ଲାଇସେନ୍ସ ବଳରେ ସମ୍ପୃକ୍ତ ବ୍ଲକ ସମେତ ଅନ୍ୟ ବ୍ଲକକୁ ମଧ୍ୟ ରାତିଅଧିଆ ବେଆଇନ ଭାବେ ମଦ, ଗଞ୍ଜେଇ, ଅନ୍ୟାନ୍ୟ ନିଶାଦ୍ରବ୍ୟ ଚାଲାଣ କରୁଥିବା ଚର୍ଚ୍ଚା ହେଉଛି। ବ୍ରହ୍ମଗିରି ବ୍ଲକରେ ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁ ଗାଁ ପାନ ଦୋକାନଠାରୁ ଆରମ୍ଭ କରି ତେଜରାତି ଦୋକାନ ପର୍ଯ୍ୟନ୍ତ ସବୁଠାରେ ମଦ, ଗଞ୍ଜେଇ ମିଳୁଛି। ଛକ ବଜାର, ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଗଞ୍ଜେଇ ସହିତ ବ୍ରାଉନ୍ ସୁଗାର ଖୁଲମଖୁଲା ବ୍ୟବହାର କରାଯାଉଥିଲେ ମଧ୍ୟ କାହାରି ଉପରେ ଅଙ୍କୁଶ ନାହିଁ। ଏତେ ମାତ୍ରାରେ ବ୍ରହ୍ମଗିରି ଅଞ୍ଚଳକୁ ବେଆଇନ୍ ଭାବରେ ବ୍ରାଉନ୍ ସୁଗାର, ଗଞ୍ଜେଇ, ମଦ, ଭାଙ୍ଗ ଇତ୍ୟାଦି କେଉଁଠାରୁ ଆସୁଛି ତାହା ଚିନ୍ତାର କାରଣ ହୋଇଛି। ବ୍ରହ୍ମଗିରିରେ କଲେଜ ଛାତ୍ରମାନଙ୍କଠାରୁ ଆରମ୍ଭ କରି ଗାଁ ଗହଳିରେ ଯୁବକଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତେ ନିଶାର କବଳିତ ହୋଇସାରିଲେଣି। ସନ୍ଧ୍ୟାହେଲେ ସ୍କୁଲ ବାରଣ୍ଡା, କଲେଜ, ଡାକ୍ତରଖାନା, ବିଭିନ୍ନ ଅଫିସ ମହଲ ପରିସର ନିଶାଖୋରଙ୍କ ଆଡ୍ଡାସ୍ଥଳୀ ପାଲଟିଯାଉଛି। ରାତି ପାହିଲେ ବିଦ୍ୟାଳୟ ବାରଣ୍ଡାରେ ଭଙ୍ଗା ଚିଲମ, ଗଞ୍ଜେଇ ପୋଡା ପାଉଁଶ କୁନି କୁନି ପିଲାଙ୍କ ନଜରକୁ ଆସୁଛି। ଅନ୍ୟପକ୍ଷେ ନିଶାଖୋର ଯୁବକମାନେ ନିଶା ସେବନ କରି ରାସ୍ତାରେ ବେପରୁଆ ଭାବରେ ଯାନବାହନ ଚଳାଇ ଅନ୍ୟଙ୍କୁ ବିପଦରେ ପକାଉଛନ୍ତି। କିଛି ନିଶାଖୋର ଯୁବକ ମଦ ଓ ଗଞ୍ଜେଇ କିଣିବା ପାଇଁ ପାଖରେ ପଇସା ଅଭାବ ହେଲେ ରାସ୍ତା ଘାଟରେ ରାହାଜାନୀ କରିବାକୁ ପଛାଉନାହାନ୍ତି। ବ୍ୟବସାୟ ସାରି ରାତିରେ ଘରକୁ ଫେରୁଥିବା ଦୋକାନୀମାନଙ୍କଠାରୁ ଜବରଦସ୍ତି ବଟି ଆଦାୟ କରୁଛନ୍ତି। ଏହିଭଳି ଘଟଣା ଘଟିଥିବାର ଏକାଧିକ ମାମଲା ଥାନାରେ ପଡ଼ିରହିଛି। ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବାରୁ ନିଶାଖୋରଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ତେଣୁ ପୋଲିସ ପ୍ରଶାସନ ପକ୍ଷରୁ ରାତ୍ର ପାଟ୍ରୋଲିଂ ଜୋରଦାର କରିବା ସହ ନିଶା ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ରମାଶଙ୍କର ପାତ୍ର କହିଛନ୍ତି, ବ୍ରହ୍ମଗିରି ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ଭଳି ନିଶା କାରବାର ବଢ଼ିଚାଲିଛି। ଏହି ନିଶାମାଫିଆମାନେ ଯୁବକ ଓ ଛାତ୍ରମାନଙ୍କୁ ଟାର୍ଗେଟ କରୁଛନ୍ତି। ଫଳରେ ଯୁବପିଢ଼ି ଏହାର ଶିକାର ହୋଇ ବିଭିନ୍ନ ପ୍ରକାରର ଆପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଯାହା ଏକ ଦୁଃଖଦ ଘଟଣା। ଏଥିପ୍ରତି ପ୍ରଶାସନ ସଜାଗ ନ ରହିଲେ ପରିସ୍ଥିତି ଅସମ୍ଭାଳ ହେବ। ସେହିପରି ସାତପଡ଼ା ଅବକାରୀ ବିଭାଗ ଅଧିକାରୀ ରଙ୍କନିଧି ମଲ୍ଲିକଙ୍କୁ ଯୋଗାଯୋଗ କରିବା ସତ୍ତ୍ୱେ ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପଟେ ବ୍ରହ୍ମଗିରି ଥାନା ଅଧିକାରୀ ପରେଶ ମହାନ୍ତି କହିଛନ୍ତି, ମୁଁ ବର୍ତ୍ତମାନ ନୂତନ ଭାବେ ଏହି ଥାନାରେ ଯୋଗଦେଇଛି। ତଥାପି ଏଭଳି ନିଶା କାରବାର ପ୍ରତି ଅଭିଯୋଗକୁ ନେଇ ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ତଦନ୍ତ କରିବା ସହ ପଦକ୍ଷେପ ନେବି ବୋଲି କହିଛନ୍ତି।



ପୁରୀ ସିଂହଦ୍ୱାର ସମ୍ମୁଖରେ ଥିବା ନନ୍ଦିଘୋଷ ରଥରୁ ମଙ୍ଗଳବାର ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି ।

## ନନ୍ଦିଘୋଷ ରଥର ଭଙ୍ଗା କାର୍ଯ୍ୟ ଆରମ୍ଭ

ପୁରୀ, ୧୮।୭ (ଅଜିତ୍ ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ବେଶ୍ ଶୃଙ୍ଖଳିତ ଭାବରେ ଲକ୍ଷାଧିକ ଭକ୍ତଙ୍କ ଗହଣରେ ସମ୍ପନ୍ନ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ନୀଳାଦ୍ରି ବିଜେ ଅବସରରେ ଭଉଣୀ ଭାଇଙ୍କ ସହ ରଥରୁ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବା ପରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ତିନିଗୋଟି ରଥ ଦଣ୍ଡାୟମାନ ରହିଥିଲା। ତେବେ ଗତ ଶୁକ୍ରବାରଠାରୁ ସିଂହଦ୍ୱାର ନିକଟରେ ଥିବା ତିନି ରଥର ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ପରେ ଭୋଇ ସେବାୟତମାନେ ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ କରିଥିଲେ। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବାୟତଙ୍କ ସହାୟତାରେ ରଥ ଭଙ୍ଗା କାର୍ଯ୍ୟ ଜାରି ରଖିଛନ୍ତି। ପରମ୍ପରା ଅନୁଯାୟୀ, ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥିଲା। ମା ସୁଭଦ୍ରାଙ୍କ ଦେବଦଳନ ରଥ ଭଙ୍ଗାଯିବା ପରେ ମଙ୍ଗଳବାରଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ନନ୍ଦିଘୋଷ ରଥର ଉପରି ଅଂଶ କଳସ, ଭୂଇଁର ପାଖୁଡ଼ା, ଦୁଆରବେଢ଼ା, ଓରା, ପ୍ରଭା, ପୋଟଳ ଆଦି ଭଙ୍ଗାଯାଇଛି। ଭୋଇ ସେବାୟତମାନେ ସାବଧାନତା ସହ ରଥର ବିଭିନ୍ନ ଅଂଶଗୁଡିକୁ ଭାଙ୍ଗୁଛନ୍ତି। ଲୋକକଥା ଅନୁଯାୟୀ, ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ନୀତି ପରେ ତିନିରଥ ମୃତ ଭାବରେ ବିବେଚନା କରାଯାଏ। ତେଣୁ ଘୋଷଯାତ୍ରା ପରେ ତିନି ରଥକୁ ଭାଙ୍ଗି ଦିଆଯାଇଥାଏ। ତେବେ ମହାପ୍ରଭୁଙ୍କ କୋଠ ଭୋଗ ପ୍ରସ୍ତୁତିରେ ରଥ କାଠଗୁଡ଼ିକୁ ବ୍ୟବହାର କରାଯାଏ। ସେହିଭଳି ରଥର ଚକଗୁଡିକୁ ଭକ୍ତମାନେ ଶ୍ରୀମନ୍ଦିର ପ୍ରଶାସନଠାରୁ କିଣି ନେଇଥାନ୍ତି।

## ବିଦ୍ୟାଳୟରେ ଆରମ୍ଭ ହେଲା 'ହାଉସ୍ ସିଷ୍ଟମ୍'

ଭୁବନେଶ୍ୱର, ୧୮।୭ (ଅନୁରାଧା ମହାରଣା)

ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟରେ 'ହାଉସ୍ ସିଷ୍ଟମ୍' ଆରମ୍ଭ ହୋଇଛି। ଏହି କ୍ରମରେ ନାଲି, ହଳଦିଆ, ସବୁଜ ଓ ନୀଳ ରଙ୍ଗର ବନ୍ଦୋବସ୍ତ କରାଯାଇଛି। ପିଲାମାନଙ୍କୁ ଶାରୀରିକ ଓ ମାନସିକ ଭାବେ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ 'ହାଉସ ସିଷ୍ଟମ' ଆରମ୍ଭ କରିଛି। 'ହାଉସ ସିଷ୍ଟମ' ଅନୁସାରେ, ପ୍ରତି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଦଳଗତ କାର୍ଯ୍ୟ କରିବାକୁ ଉତ୍ସାହିତ କରାଯାଉଛି । ଅନ୍ତର୍ନିହିତ ଗୁଣର ବିକାଶ, ବିଭିନ୍ନ ସମସ୍ୟାର ସମାଧାନ କରିବା, ପାରସ୍ପରିକ ସମ୍ପର୍କ, ସୃଜନଶୀଳତା, ସହାନୁଭୂତି ମନୋଭାବ, ଦଳଗତ କାର୍ଯ୍ୟ, ସହଯୋଗ ମନୋବୃତ୍ତି, ନିଷ୍ପତ୍ତି ନେବାର କ୍ଷମତା, ସମାଲୋଚନାତ୍ମକ ଚିନ୍ତାଧାରା, କର୍ତ୍ତବ୍ୟପରାୟଣତା, ଆତ୍ମ ସଚେତନତା, ଆତ୍ମବିଶ୍ୱାସ ବୃଦ୍ଧି, ବିଫଳତାରୁ ଶିକ୍ଷାଲାଭ କରିବାର କ୍ଷମତା ଆଦି ବିଭିନ୍ନ ମୌଳିକ ଗୁଣକୁ ବିକାଶ କରିବାରେ 'ହାଉସ୍ ସିଷ୍ଟମ' ସହାୟକ ହେବ ବୋଲି ଆଶା କରାଯାଉଛି। 'ହାଉସ୍ ସିଷ୍ଟମ' ଉଭୟ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଲାଗୁ ହୋଇଛି। ୧୦୦ରୁ ଅଧିକ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟଗୁଡ଼ିକରେ ୪ଟି ହାଉସ ଗଠନ କରାଯାଉଛି। ପ୍ରତି ଶ୍ରେଣୀର ଛାତ୍ରୀଛାତ୍ର, ପ୍ରତିଭା ଏବଂ ଲିଙ୍ଗଗତ ସାମଞ୍ଜସ୍ୟକୁ ଦୃଷ୍ଟିରେ ରଖି ସମାନ ଅନୁପାତରେ ୪ଟି ଦଳ ଗଠନ କରାଯାଉଛି। ୧୦୦ରୁ କମ୍ ଥିବା ବିଦ୍ୟାଳୟରେ ଦୁଇଟି ହାଉସ୍ ବା ଦଳ ଗଠନ ହେଉଛି। ପ୍ରତି ହାଉସକୁ ବିଦ୍ୟାଳୟ ପକ୍ଷରୁ ପ୍ରାକୃତିକ ସମ୍ପଦ ନଦୀ, ପର୍ବତ, ଗଛ, ପକ୍ଷୀ, ଫୁଲଗୁଡିକର ନାମରେ ନାମିତ କରାଯାଉଛି। ପାଠପଢ଼ା, ନେତୃତ୍ୱ ନେବାର କଳା, ବିଭିନ୍ନ କାର୍ଯ୍ୟକଳାପରେ ଦକ୍ଷ ଥିବା ଜଣେ ଛାତ୍ରୀ ବା ଛାତ୍ରଙ୍କୁ ପ୍ରଧାନଶିକ୍ଷକ ହାଉସ୍ କ୍ୟାପଟେନ୍ ଭାବେ ମନୋନୀତ କରିବେ। ଅନ୍ୟ ଜଣେ ଭାଇସ୍ କ୍ୟାପଟେନ୍ ଓ ଜଣେ ହାଉସ ପ୍ରତିନିଧି ଭାବେ ମଧ୍ୟ ମନୋନୀତ ହେବେ। ପ୍ରତି ସପ୍ତାହର ଗୋଟିଏ ପିରିୟଡରେ ହାଉସର ବୈଠକ ଅନୁଷ୍ଠିତ ହେବ। ବୈଠକରେ ବିଭିନ୍ନ କାର୍ଯ୍ୟର ଯୋଜନା, କ୍ରିୟାନ୍ୱୟନ ସମ୍ପର୍କରେ ଆଲୋଚନା କରାଯିବ। ପ୍ରତି ହାଉସ୍ ପାଇଁ ଜଣେ ଶିକ୍ଷକଙ୍କୁ ହାଉସ୍ ମାଷ୍ଟର ଭାବେ ପ୍ରଧାନ ଶିକ୍ଷକ ନିୟୋଜିତ କରିବେ। ପ୍ରତି ବର୍ଷ ଭଲ କାମ କରିଥିବା ହାଉସ୍‌କୁ 'ହାଉସ୍ ଅଫ୍ ଦ ଇୟର'ର ଭାବେ ପୁରସ୍କୃତ କରାଯିବ। ପ୍ରତି ହାଉସ୍ ପକ୍ଷରୁ ଜାତୀୟ ତଥା ଅନ୍ତର୍ଜାତୀୟ ଦିବସ ପାଳନ ଅବସରରେ କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ପୋଷ୍ଟର ତିଆରି କରିବା, ବିଦ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଚାରାରୋପଣ, ପୁଷ୍ପବାଟିକା ଦାୟିତ୍ୱ ନେବା, ବିଦ୍ୟାଳୟର ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବା, ପ୍ରାର୍ଥନା ସଭାରେ ଖବର ପଢ଼ିବା, ପର୍ବପର୍ବାଣିରେ ଲୋକନୃତ୍ୟ, ଲୋକକଳା, ନାଟକ ପରିବେଷଣ କରିବା, ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବା, ପ୍ରବନ୍ଧ ରଚନା, ପୁସ୍ତକ ସମୀକ୍ଷା ଆଦି ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ଶିକ୍ଷାଦାନ କରିବା ଦିଗରେ 'ହାଉସ୍ ସିଷ୍ଟମ' କାର୍ଯ୍ୟ କରିବ।

## ଆଇଏଏସ୍ ଲକ୍ଷ୍ମୀପ୍ରିୟାଙ୍କୁ ଗାଁ ମାଟିରେ ସମ୍ବର୍ଦ୍ଧନା



ପିପିଲି, ୧୮।୭ (ଦୁର୍ଗାମାଧବ ମିଶ୍ର)

ଗତ ମେ ମାସରେ ସର୍ବଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରେ କୃତିତ୍ୱ ହାସଲ କରିଥିବା ପୁରୀ ଜିଲା ପିପିଲି ବ୍ଲକର ସଙ୍ଗଲେଇ ଗ୍ରାମର ଝିଅ ଲକ୍ଷ୍ମୀପ୍ରିୟା ଉପାଧ୍ୟାୟଙ୍କୁ ମଙ୍ଗଳବାର ନିଜ ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ସମ୍ବର୍ଦ୍ଧନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସାମାଜିକ କର୍ମୀ ଗଙ୍ଗାଧର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଲକ୍ଷ୍ମୀପ୍ରିୟା ପଢୁଥିବା ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶିକ୍ଷକ ମମତା ନାୟକ, ଦେବରାଜ ଦାସ, ବେଣୁଧର ମାଝି, ପ୍ରମୋଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ବର୍ଦ୍ଧନା କମିଟି ପକ୍ଷରୁ ଲକ୍ଷ୍ମୀପ୍ରିୟାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଚିସ୍ମିତା ଦାସ ଏକ ପେନ୍ସିଲ ଆର୍ଟରେ କରିଥିବା ଚିତ୍ରକଳା ମଧ୍ୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ଲକ୍ଷ୍ମୀପ୍ରିୟାଙ୍କ ପିତା ପ୍ରମୋଦ ଉପାଧ୍ୟାୟ ଏବଂ ମାଆ ସୌଦାମିନୀ ଉପାଧ୍ୟାୟ ଉପସ୍ଥିତ ଥିଲେ। ଆଇଏଏସ୍ ଲକ୍ଷ୍ମୀପ୍ରିୟାଙ୍କ ବକ୍ତବ୍ୟ ଗ୍ରାମବାସୀ ଏବଂ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ପାଇଁ ଖୁବ୍ ମୂଲ୍ୟବାନ ଏବଂ ଉଚ୍ଚକୋଟିର ଥିଲା। ସର୍ବେଶ୍ୱର ଭାରତୀ, କାହ୍ନୁଚରଣ ବେହେରା, ଅଜୟ ପଣ୍ଡା, ବାମଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍‌ଠାରୁ ୨୦,୫୦୦ ଟଙ୍କା ଫାଇନ୍



ଜିଲା ପରିବହନ ଅଧିକାରୀଙ୍କ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଛି ।

**ଯାତ୍ରୀଙ୍କଠାରୁ ଅଧିକ ଟଙ୍କା ଆଦାୟ କରୁଥିବା ଅଭିଯୋଗ**

ପୁରୀ, ୧୮।୭ (ଅଜିତ୍ ମହାନ୍ତି)

ଅନେକ ସମୟରେ ବସ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନେ ଶୋଷଣର ଶିକାର ହେଉଥିବା ନେଇ ଅଭିଯୋଗ ହେଉଛି। ନିର୍ଦ୍ଧାରିତ ଟଙ୍କାଠାରୁ ଅଧିକ ଟଙ୍କା ଯାତ୍ରୀମାନଙ୍କଠାରୁ ବସ୍ କର୍ମଚାରୀ ନେଉଥିବା ଅଭିଯୋଗ ହୋଇଥାଏ। ଏନେଇ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏକ ଯାତ୍ରୀବାହୀ ବସ୍ ଯାତ୍ରୀଙ୍କଠାରୁ ଅଧିକ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ୨୦ହଜାର ୫ଶହ ଟଙ୍କ ଫାଇନ କଟାଯାଇଛି। ମୁଖ୍ୟତଃ ପୁରୀ ଏକ ଧାର୍ମିକ ତଥା ପର୍ଯ୍ୟଟକସ୍ଥଳ ହୋଇଥିବାରୁ ହଜାର ହଜାର ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ପ୍ରତ୍ୟେକ ଦିନ ପୁରୀକୁ ବୁଲିବାକୁ ଆସିଥାନ୍ତି। ପ୍ରାୟତଃ ବସ୍‌ରେ ଯାତାୟାତ ପାଇଁ ସୁବିଧା ଥିବାରୁ ଆଖପାଖ ଅଞ୍ଚଳର ଅନେକ ଯାତ୍ରୀ ବସ୍‌ରେ ଯିବାଆସିବା କରିଥାନ୍ତି। ତେବେ ଯାତ୍ରୀମାନଙ୍କ ସରଳତାକୁ ଦୃଷ୍ଟିରେ ରଖି ତାଙ୍କଠାରୁ ଅଧିକ ଟଙ୍କା ନେଇ ଶୋଷଣ କରିଥାନ୍ତି ବସ୍ କର୍ମଚାରୀ। ତେବେ ଯାତ୍ରୀମାନେ ଯେପରି ଶୋଷଣର ଶିକରା ନ ହେବେ ସେଥିପାଇଁ ସମସ୍ତ ଗାଡିରେ ରେଟ ଚାର୍ଟ ଲଗାଇବା ପାଇଁ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ପରିବହନ ବିଭାଗର ନିର୍ଦ୍ଦେଶକୁ ଅନେକ ବସ୍ ମାନୁଥିବା ବେଳେ ଅନେକ ମାନୁ ନଥିବା ଦେଖିବାକୁ ମିଳୁଛି। ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ଟଙ୍କା ଯାତ୍ରୀମାନଙ୍କ ଠାରୁ ନେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିବାରୁ ମଙ୍ଗଳବାର ପୁରୀ-କୋଣାର୍କ ରାସ୍ତାରେ ଆଞ୍ଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ଅଚାନକ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ଓଡି -୦୫ ପି ୦୦୫୪ ନମ୍ବର ବିଶିଷ୍ଟ ଏକ ଯାତ୍ରୀବାହୀ ବସ୍ ଯାତ୍ରୀଙ୍କ ଠାରୁ ଅଧିକ ଭଡା ଆଦାୟ କରିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ସହ ଜଣାପଡିବା ପରେ ଆଞ୍ଚଳିକ ପରିବହନ ଅଧିକାରୀ ଉକ୍ତ ବସ୍‌ଠାରୁ ୨୦,୫୦୦ ଟଙ୍କାର ଚାଲାଣ କରାଯାଇଛି।

## 'ଜୀବନରେ ୨ଟି ଗଛ ଲଗାଇ ଯତ୍ନ ନିଅନ୍ତୁ'

ପୁରୀ, ୧୮।୭ (ଅଜିତ ମହାନ୍ତି)

ଜାତୀୟ ସେବା ଯୋଜନା, ଅଲାରନାଥ ଧନ୍ଦାମୂଳକ, ମହାବିଦ୍ୟାଳୟ ଆନୁକୂଲ୍ୟରେ ବନ ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ତପସ୍ୱିନୀ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କର ଅଭିଭାଷଣରେ ଜଳବାୟୁ ପ୍ରଭାବର ଭୟବହତା ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ସଚେତନ କରି ପ୍ରତ୍ୟେକ ମଣିଷ ଜୀବନରେ ୨ଟି ଲେଖାଏ ଗଛ ଲଗାଇବା ପାଇଁ ବଜ୍ର ଶପଥ ନେବାକୁ ଅନୁରୋଧ କରିଥିଲେ। ପ୍ରାଧ୍ୟାପକ ବିଶ୍ୱଜିତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ପରିବେଶର ସୁରକ୍ଷା କରିବା ପାଇଁ ଆହ୍ୱାନ କରିଥିଲେ। ପ୍ରଥମରୁ କଲ୍ୟାଣୀ ନନ୍ଦ ଗଛକୁ ଭଲ ପାଇଲେ ପ୍ରକୃତି ହସିବ ବୋଲି ସ୍ୱେଚ୍ଛାସେବୀଙ୍କୁ ଉପଦେଶ ଦେଇଥିଲେ। ଅଧ୍ୟାପକ ଈଶ୍ୱର ଚନ୍ଦ୍ର ନାୟକ ପ୍ରକୃତି ସହିତ ବଞ୍ଚିବାକୁ ଉପଦେଶ ଦେଇଥିଲେ। ପୂର୍ବତନ ଅଧ୍ୟାପକ ଓ ଜାତୀୟ ସେବା ଯୋଜନା ଅଧିକାରୀ ସୁକାନ୍ତ ମହାନ୍ତି ସଙ୍ଗୀତ ଓ ଗପ ମାଧ୍ୟମରେ ସ୍ୱେଚ୍ଛାସେବୀଙ୍କୁ ବୃକ୍ଷ ରୋପଣର ଆବଶ୍ୟକତା, ଜଳ ବାୟୁ ପରିବର୍ତ୍ତନର କୁପ୍ରଭାବ ସମ୍ବନ୍ଧରେ କହିଥିଲେ। ପରେ ପିଲାମାନେ ଓ ଅତିଥିମାନେ ଚାରାରୋପଣ କରିଥିଲେ। ରୁପାଲୀ ପ୍ରଧାନ, ବୈଶାଖୀ ସାହୁ, ଲିଜାରାଣୀ ଖଟେଇ, ପୁଷ୍ପାଞ୍ଜଳି ମହାପାତ୍ର, ବିବେକ ପ୍ରଧାନ ଓ ବିଶ୍ୱରଞ୍ଜନ ଭୋଇ ଚାରାରୋପଣର ନେତୃତ୍ୱ ନେଇଥିଲେ।



ଅଲାରନାଥ କଲେଜର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଚାରାରୋପଣ କରୁଛନ୍ତି ।

## ଅସୁରକ୍ଷିତ ନଦୀବନ୍ଧ ମରାମତି ନିର୍ଦ୍ଦେଶ

ଗୋପ, ୧୮।୭ (ଭାରତୀ ଭୂଷଣ ଉପାଧ୍ୟାୟ)

**ନଦୀବନ୍ଧ ବୁଲି ଦେଖିଲେ ବିଧାୟକ**

ବନ୍ୟା ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ତୁରନ୍ତ ଅସୁରକ୍ଷିତ ନଦୀବନ୍ଧକୁ ମରାମତି କରିବା ସହ ଚାଲିଥିବା ନଦୀବନ୍ଧ କାର୍ଯ୍ୟକୁ ଖୁବ୍‌ଶୀଘ୍ର ଶେଷ କରିବାକୁ ମଙ୍ଗଳବାର ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କିଶୋର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗୋପ ଜଳସମ୍ପଦ ବିଭାଗ ଅଧୀନରେ ଥିବା ୬୨ କିଲୋମିଟର କୁଶଭଦ୍ରା ନଦୀ ସହିତ ୨୨ କିଲୋମିଟର ଧନୁଆ ଓ ସିଆରକଟ ନଦୀବନ୍ଧ ରହିଛି। ମାତ୍ର ଏହି ସବୁ ନଦୀବନ୍ଧର ଅନେକ ସ୍ଥାନରେ ଅସୁରକ୍ଷିତ ସହିତ ବିପଦସଂକୁଳ ଅବସ୍ଥାରେ ନଦୀବନ୍ଧ ରହିଛି। କିନ୍ତୁ କିଛି ଦିନ ଗୋପ ଜଳ ସମ୍ପଦ ବିଭାଗର କେତେକ ସ୍ଥାନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ନଦୀ ବନ୍ଧକୁ ସୁଦୃଢ କରାଯାଇଥିବା ବେଳେ ଠିକାଦାରମାନେ ଠିକ୍ ଭାବେ ନଦୀବନ୍ଧ କାର୍ଯ୍ୟକୁ କରୁ ନ ଥିବା ଅଭିଯୋଗ ହୋଇଆସୁଥିଲା। ଫଳରେ ମଦରଙ୍ଗ - ଶୋଳପୁର କୁଶଭଦ୍ରା ନଦୀବନ୍ଧ କାର୍ଯ୍ୟକୁ ଟେଣ୍ଡର ମାଧ୍ୟମରେ କୋଟିଏ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ତାହା କିଛିଦିନ ମଧ୍ୟରେ ଦବିଯାଇଥିଲା। ଏପରିଅଭିଯୋଗ ଆସିବା ପରେ ବିଧାୟକ ସମୀର ରଞ୍ଜନ ଦାଶଙ୍କ ନିର୍ଦ୍ଦେଶରେ ନିମାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷକ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇ ନଦୀବନ୍ଧ ବୁଲିବା ପରେ ତୁରନ୍ତ ଦବି ଯାଇଥିବା ନଦୀବନ୍ଧକୁ ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏବେ ଏହି କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଆଗାମୀ ଦିନରେ ଅଧିକ ମାତ୍ରାରେ ବର୍ଷା ହେବା ସହିତ ବନ୍ୟା ପରିସ୍ଥିତି ସୃଷ୍ଟି ହେବ ବୋଲି ସୂଚନା ରହିଥିବା ବେଳେ ତୁରନ୍ତ ବିପଦସଂକୁଳ ନଦୀବନ୍ଧ ଉପରେ ଗୁରୁତ୍ୱ ଦେବାକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଆଉ କେତେକ ସ୍ଥାନରେ ଚାଲିଥିବା ନଦୀବନ୍ଧ କାର୍ଯ୍ୟ ସହିତ ସରିଥିବା ନଦୀବନ୍ଧ କାର୍ଯ୍ୟ ଠିକ୍ ଭାବେ ହୋଇ ନ ଥିବା ମଧ୍ୟ ଜଣାପଡ଼ିଛି। ଗୋପ ଜଳସମ୍ପଦ ବିଭାଗରେ ଏବେ କେତେକ ଯନ୍ତ୍ରୀଙ୍କ ସହିତ ବିଭିନ୍ନ ପଦ ପଦବୀ ଖାଲିପଡ଼ିଥିବା ବେଳେ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ନଦୀକୂଳିଆ ଗାଁର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି। ଗୋପ ଜଳସମ୍ପଦ ବିଭାଗ ଅଧୀନରେ ରହିଥିବା ଗୋପ କୁଶଭଦ୍ରା ନଦୀର କୃଷ୍ଣପୁରଠାରେ ୨୦୧୧ରେ ଏକ ଘାଇ ସୃଷ୍ଟି ହୋଇ ଜନଜୀବନ ପ୍ରଭାବିତ ହୋଇଥିବାବେଳେ ୨୦୨୨ରେ ମଧ୍ୟ ଏହି ନଦୀବନ୍ଧର ଖଣ୍ଡିଆବନ୍ଧ ନିକଟରେ ଘାଇ ସୃଷ୍ଟି ହୋଇଥିଲା। ଏପରି ଅଭିଯୋଗକୁ ନେଇ ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କିଶୋର ମହାନ୍ତିଙ୍କୁ ପଚାରିବାରେ ନଦୀବନ୍ଧ କାର୍ଯ୍ୟ ପ୍ରତି ଗୁରୁତ୍ୱ ଦିଆଯାଇଛି। ଖୁବ୍ ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି କହିଥିଲେ।



## ଖାନ୍‌ନଗର ହାଇସ୍କୁଲର ପ୍ରତିଷ୍ଠା ଦିବସ

କଟକ,(କାର୍ତ୍ତିକ ସାହୁ): ଖାନ୍‌ନଗର ସରକାରୀ ହାଇସ୍କୁଲର ୫୮ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ସିଏମ୍‌ସି ମେୟର ସୁବାସ ସିଂ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ ଚରଣ ଦେହୁରୀ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗୋଲି, ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ଡ. ସୁଜାତା ମହାପାତ୍ର ଓ କାଞ୍ଚନବାଳା ରାଉଲଙ୍କୁ ବିଦ୍ୟାଳୟ ଶ୍ରୀ ଓ ଶିକ୍ଷକ ରଞ୍ଜିତ କୁମାର ଦାସଙ୍କୁ ବିଦ୍ୟାଳୟ ସାଥୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର, ପରିଚାଳନା କମିଟି ସଭ୍ୟାସଭ୍ୟ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

# ଅଧିକାରୀଙ୍କ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ

କଟକ,୧୮।୭ (କାର୍ତ୍ତିକ ସାହୁ)



ବୈଠକରେ ଆର୍‌ଡିସି, ସିଡିଏ ଅଧ୍ୟକ୍ଷ, ଜିଲାପାଳ, ପୋଲିସ କମିଶନରଙ୍କ ସହ ଅନ୍ୟମାନେ।

### ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରସ୍ତୁତି

- ଚଣ୍ଡୀମନ୍ଦିର, ଶୈଳବାଳା କଲେଜ, ନେତାଜୀ ସଂଗ୍ରହାଳୟ ଦାୟିତ୍ୱରେ ଜିଲାପାଳ
- ଏସ୍‌ସିବି ମେଡିକାଲ ଦାୟିତ୍ୱରେ ସିଏମ୍‌ସି କମିଶନର
- କମନ୍ ଫିଡ୍‌ରେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରସାରଣ

ଆସନ୍ତା ୨୬ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ତ୍ୱରାନ୍ୱିତ କରାଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରାଷ୍ଟ୍ରପତିଙ୍କ କଟକ ଗସ୍ତ ପାଇଁ ସରକାରୀ ଅଧିକାରୀମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତବେଳେ କଟକ ଚଣ୍ଡୀମନ୍ଦିର, ଶୈଳବାଳା ମହିଳା ମହାବିଦ୍ୟାଳୟସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିସ୍ଥଳ ଏବଂ ନେତାଜୀ ସୁଭାଷ ବୋଷଙ୍କ ଜନ୍ମପୀଠ ଓ ସଂଗ୍ରହାଳୟ ଦାୟିତ୍ୱରେ ସ୍ୱତନ୍ତ୍ର ଭାବେ କଟକ ଜିଲାପାଳ ରହିବେ। ସେହିପରି ଏସ୍‌ସିବି ମେଡିକାଲ ଦାୟିତ୍ୱରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ କାର୍ଯ୍ୟନିର୍ବାହ କରିବେ। ସମ୍ପୃକ୍ତ ଅଧିକାରୀମାନେ ପାରସ୍ପରିକ ସମନ୍ୱୟ ରକ୍ଷା ପୂର୍ବକ ସେମାନଙ୍କ ଉପରେ ନ୍ୟସ୍ତ ଦାୟିତ୍ୱକୁ ନିଷ୍ଠାର ସହ ସମ୍ପାଦନ କରିବା ଉପରେ ଆର୍‌ଡିସି ଗୁରୁତ୍ୱାରୋପ କରିଛନ୍ତି। ଦାୟିତ୍ୱ ନିର୍ବାହ କ୍ଷେତ୍ରରେ କୌଣସି ତ୍ରୁଟିବିଚ୍ୟୁତିକୁ ବରଦାସ୍ତ କରାଯିବ ନାହିଁ ବୋଲି ଆର୍‌ଡିସି ଦୃଢ଼ତାର ସହ କହିଛନ୍ତି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଥିଲେ, ଇନ୍‌ଡୋର ଷ୍ଟାଡିୟମ, ଏସ୍‌ସିବି ମେଡିକାଲ ଓ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ପୋଲିସ ବ୍ୟାଣ୍ଡ୍ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯିବ। ଜିଲାପାଳ ଭବାନୀ ଶଙ୍କର ଚୟନୀ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ।

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା କମନ ଫିଡ୍ ମାଧ୍ୟମରେ ସୂଚିତ ୩ଟି ସ୍ଥାନରେ ସମସ୍ତ ବୈଦ୍ୟୁତିକ ଗଣମାଧ୍ୟମକୁ କାର୍ଯ୍ୟକ୍ରମର ସିଧାପ୍ରସାରଣ ଉପଲବ୍ଧ କରାଯିବ ବୋଲି ଉପନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ସୂଚନା ଦେଇଛନ୍ତି। ରାଷ୍ଟ୍ରପତିଙ୍କ ନିର୍ଦ୍ଧାରିତ ଗମନ ମାର୍ଗରେ ରାସ୍ତାଘାଟ ମରାମତି ଓ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ କରାଯିବ। ଇନ୍‌ଡୋର ଷ୍ଟାଡିୟମ ଏବଂ ଏସ୍‌ସିବି ମେଡିକାଲର କାର୍ଯ୍ୟକ୍ରମ ସ୍ଥଳ ମରାମତି ତଥା ପରିଷ୍କାର ରଖିବା କାର୍ଯ୍ୟ ପୂର୍ତ୍ତ ବିଭାଗ ଓ କଟକ ମହାନଗର ନିଗମ(ସିଏମ୍‌ସି) ଦ୍ୱାରା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିମନ୍ତେ ସମ୍ପୃକ୍ତ ବିଭାଗ ଅଭିଜ୍ଞ ବରିଷ୍ଠ ଯନ୍ତ୍ରୀ ତଥା ଅଧିକାରୀମାନେ ଉପସ୍ଥିତ ରହିବେ। ଜେନେରେଟର ବ୍ୟବସ୍ଥା କରାଯାଇ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବା ନେଇ ଟିପିସିଓଡିଏଲର ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଆର୍‌ଡିସି ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ସୁରୁଖୁରରେ ସମ୍ପନ୍ନ ପାଇଁ ଆବଶ୍ୟକସ୍ଥଳେ କେତେକ ନିର୍ଦ୍ଦିଷ୍ଟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଉକ୍ତ ଦିନ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଏହି ବୈଠକରେ ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, କଟକ ଡିସିପି ପିନାକ ମିଶ୍ର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅତିରିକ୍ତ ଡିସିପି ଅନିଲ ମିଶ୍ର, ହାଇକୋର୍ଟ ଡେପୁଟି ରେଜିଷ୍ଟ୍ରାର ଦେବାଶିଷ ମହାନ୍ତି, ସ୍ୱତନ୍ତ୍ର ଅଧିକାରୀ ଛାୟାକାନ୍ତ ଦାସ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସହକାରୀ ନିବନ୍ଧକ କଲୋଳ ପଟ୍ଟନାୟକ, ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ହେମନ୍ତ କୁମାର ନାୟକ, କଟକ ସଦର ଉପଜିଲାପାଳ କମଳଜିତ ଦାସ, ଅଧୀକ୍ଷଣ ଯନ୍ତ୍ରୀ ଇଂ. ପ୍ରଭାସ କୁମାର ମାଝୀ, ଏସ୍‌ସିବି ମେଡିକାଲ ଅଧ୍ୟକ୍ଷ ଡା. ପ୍ରସେନ୍‌ଜିତ ମହାନ୍ତି, ଏସ୍‌ସିବି ଅଧୀକ୍ଷକ ଡା. ସୁଧାଂଶୁ ଶେଖର ମିଶ୍ର, ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟସୂଚୀ

ରାଷ୍ଟ୍ରପତି ସକାଳ ୮ଟା ୫୫ ମିନିଟ୍‌ରେ ହେଲିକପ୍ଟର ଯୋଗେ ନରାଜ ହେଲିପ୍ୟାଡରେ ଅବତରଣ କରିବେ। ସେଠାରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆସି ପ୍ରଥମେ କଟକଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରିବେ। ସେଠାରୁ ଆସି ଶୈଳବାଳା ମହିଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ପରିସରସ୍ଥ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମପୀଠ ଓ ସଂଗ୍ରହାଳୟ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ଆସି ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପ୍ରତିଷ୍ଠା ଦିବସ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେଇ ନ୍ୟାୟିକ ସଂଗ୍ରହାଳୟ ପରିଦର୍ଶନ ପରେ ହାଇକୋର୍ଟ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏହାପରେ ଏସ୍‌ସିବି ମେଡିକାଲର ନୂତନ ପ୍ରେକ୍ଷାଳୟଠାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ। ଅନ୍ତିମ ପର୍ଯ୍ୟାୟରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସେଠାରୁ ଭୁବନେଶ୍ୱରସ୍ଥିତ ରାଜଭବନ ଅଭିମୁଖେ ଯାତ୍ରା କରିବେ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

### କଟକ ଜିଲା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ବୈଠକ

କଟକ,୧୮।୭ (କାର୍ତ୍ତିକ ସାହୁ)

ମାସିକ ସର୍ବନିମ୍ନ ପେନ୍‌ସନ୍ ୯୦୦୦ ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତ୍ତା ଓ ସ୍ୱାସ୍ଥ୍ୟବୀମା ଲାଗୁ କରିବା ଦାବିକୁ ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପିତ କରିଆସୁଛି। ହେଲେ ଅଦ୍ୟାବଧି ଦାବି ପୂରଣ ହୋଇପାରୁନାହିଁ। କଟକ ଜିଲା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ପକ୍ଷରୁ ଖାନ୍‌ନଗରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ବୈଠକରେ ଏନେଇ ଉଦ୍‌ବେଗ ପ୍ରକାଶ ପାଇଛି। ରାଜ୍ୟ କାର୍ଯ୍ୟକାରୀ କମିଟିର ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ୨୦ ତାରିଖରେ ଆର୍‌ଡିସିଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସଂସଦ ଅଧିବେଶନରେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆସୋସିଏଶନ ରାସ୍ତାରୋକ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସ୍ଥିର କରାଯାଇଛି। ସଂଘ ସଭାପତି ରାଜକିଶୋର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିନୋଦ କୁମାର ବେହେରା ବିବରଣୀ ପାଠ କରିଥିଲେ। ଅଲେଖ ରାଉତ, ପ୍ରମୋଦ ତ୍ରିପାଠୀ, ଶତ୍ରୁଘ୍ନ ପ୍ରଧାନ, ସୁରେଶ ଚନ୍ଦ୍ର ତରାଇ, ସୁକାନ୍ତ ସ୍ୱାଇଁ, ପ୍ରତାପ ମିଶ୍ର, ଦେବେନ୍ଦ୍ର କୁମାର ସାହୁ, ନୀହାର ପଟ୍ଟନାୟକ, ପ୍ରଫୁଲ୍ଲ ପରିଡା, ପ୍ରଶାନ୍ତ ସାମନ୍ତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଭାଗ୍ୟଲକ୍ଷ୍ମୀ କଟକ ସଦର ବ୍ଲକ ଅଧ୍ୟକ୍ଷା

କଟକ ସଦର,୧୮।୭(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅଧ୍ୟକ୍ଷା ଭାବେ ଗତିରାଉତପାଟଣା ସମିତି ସଭ୍ୟା ଭାଗ୍ୟଲକ୍ଷ୍ମୀ ରାଉତଙ୍କୁ ରାଜ୍ୟ ସରକାର



ମନୋନୀତ କରିଛନ୍ତି। ଏନେଇ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ସଂଖ୍ୟା ୧୫୨୧୩/ ୧୮।୭।୨୦୨୩ରେ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୨୨ ଏପ୍ରିଲରେ ନବନିର୍ବାଚିତ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ରାଉତଙ୍କ ଅକାଳ ବିୟୋଗ ଯୋଗୁ ଏହି ପଦବୀ ଖାଲି ପଡିଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ନିର୍ବାଚନ ଆୟୋଗ ୨୦୨୨ ଜୁଲାଇ ଓ ଅଗଷ୍ଟରେ ନିର୍ବାଚନ ପାଇଁ ୨ ଥର ବିଜ୍ଞପ୍ତି ପ୍ରକାଶ କରିଥିଲେ ସୁଦ୍ଧା ନିର୍ବାଚନରେ କେହି ଅଂଶଗ୍ରହଣ କରି ନ ଥିଲେ। ତେଣୁ ସରକାରଙ୍କୁ ମନୋନୟନ କରିବାକୁ ପଡ଼ିଲା।

### ରାଜେନ୍ଦ୍ର ନଗରରେ ପଦ୍ମିନୀ ରଥଙ୍କ ସ୍ମୃତିଚାରଣ

କଟକ,୧୮।୭ (କାର୍ତ୍ତିକ ସାହୁ): ପଦ୍ମିନୀ ରଥଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଜେନ୍ଦ୍ର ନଗରସ୍ଥିତ ସର୍ବମଙ୍ଗଳା ମନ୍ଦିରରେ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତି ପଦ୍ମିନୀ ରଥଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ସହ ତାଙ୍କ ଗୁଣାବଳୀ ଆଲୋଚନା କରିଥିଲେ। ଏହି ଅବସରରେ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ହୋଇଥିଲା। ରଥ ପରିବାର ପକ୍ଷରୁ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ଚିନ୍ମୟୀ ରଥ ଓ ଇଂ. ଦୁର୍ଗାପ୍ରସାଦ ରଥ ଏବଂ ଶାନ୍ତନୁ କୁମାର ଶତପଥୀ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ, ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାଧ୍ୟାପକ ଲୋକନାଥ ବେହେରା, ପ୍ରଶାନ୍ତ କୁମାର ତ୍ରିପାଠୀ, ସୁଶାନ୍ତ କଅଁର, ଅରବିନ୍ଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଜ୍ୟ ସଭା ସାଂସଦ ମୁନା ଖାନ୍‌ଙ୍କ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ ପରିଦର୍ଶନ

କଟକ,୧୮।୭ (କାର୍ତ୍ତିକ ସାହୁ): ସଂଖ୍ୟାଲଘୁ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ପାଇଁ ସିଡିଏ ଅଞ୍ଚଳରେ ରହିଛି ମୌଲାନା ଅବ୍‌ଦୁଲ କଲାମ ଆଜାଦ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ। ଏଠାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପିଲା ପାଠ ପଢୁଛନ୍ତି। ରାଜ୍ୟ ସଭା ସାଂସଦ ମୁନା ଖାନ୍ ମଙ୍ଗଳବାର ଏହି ବିଶ୍ୱବିଦ୍ୟାଳୟ ଗସ୍ତ କରି ଉନ୍ନତି ଦିଗରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ମହମ୍ମଦ ସକିଲ, ଜଗତଜ୍ୟୋତି ପଟ୍ଟନାୟକ, ଆସିଫ ଅମିନଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପୂର୍ବତନ ବିଧାୟକ ସାମନ୍ତରାୟଙ୍କ ନେତୃତ୍ୱରେ ଏକ ଟିମ୍ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅନୁଷ୍ଠାନର ଉଦ୍‌ଘାଟନ ଓ ବିକାଶ ଉପରେ ଆଲୋଚନା କରିବେ ବୋଲି ସୂଚନା ମିଳିଛି।



ଠିକା ବିଦ୍ୟୁତ୍ ଶ୍ରମିକଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ମଙ୍ଗଳବାର ବାଦାମବାଡ଼ିସ୍ଥିତ ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକଙ୍କ ଧାରଣା।

## ଠିକା ବିଦ୍ୟୁତ୍ ଶ୍ରମିକଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଧାରଣା

କଟକ,୧୮।୭ (କାର୍ତ୍ତିକ ସାହୁ)

ବାଦାମବାଡ଼ିସ୍ଥିତ ସିଡିଡି-୧ରେ କାର୍ଯ୍ୟରତ ତଥା ଠିକା ଶ୍ରମିକଙ୍କ ନେତୃତ୍ୱ ନେଉଥିବା ସତ୍ୟବ୍ରତ ସ୍ୱାଇଁଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଠିକା ଶ୍ରମିକମାନେ ମଙ୍ଗଳବାର ବାଦାମବାଡ଼ିସ୍ଥିତ ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସହ ଧାରଣାରେ ବସିଥିଲେ। ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଟିପିସିଓଡିଏଲର ଏକ ଠିକା ସଂସ୍ଥାର ଜଣେ ଅଧିକାରୀ ଜଗତପୁରସ୍ଥିତ ତାଙ୍କ କାର୍ଯ୍ୟାଳୟକୁ ଡାକି ସ୍ୱାଇଁଙ୍କ ମୋବାଇଲ ଛଡ଼ାଇନେବା ସହ ଦୁର୍ବ୍ୟବହାର କରିଥିଲେ। ଏନେଇ ସେ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମଧ୍ୟ ମାରିଥିଲେ। ଏହାପରେ ସେ ଯେତେବେଳେ ଡ୍ୟୁଟି କରିବାକୁ ତାଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ତାଙ୍କୁ ଠିକାଦାର କାର୍ଯ୍ୟାଳୟରେ ପୂରାଇ ଦେଇ ନ ଥିଲେ ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଏଭଳି କାର୍ଯ୍ୟର ପ୍ରତିବାଦରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଟିପିସିଓଡିଏଲର ସମସ୍ତ ଡିଭିଜନରେ କର୍ମଚାରୀମାନେ ଧାରଣାରେ ବସି ପ୍ରତିବାଦ କରିଥିଲେ। ସଂଘ ଉପଦେଷ୍ଟା ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ କର୍ମଚାରୀମାନେ ବାଦାମବାଡ଼ିସ୍ଥିତ ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସ୍ୱାଇଁଙ୍କ ପ୍ରତି ହୋଇଥିବା ଅନ୍ୟାୟ ପ୍ରତିବାଦରେ ନାରାବାଜି କରି ଠିକାଦାରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ଘଟଣାର ତୁରନ୍ତ ସମାଧାନ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘର ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡ଼ାଙ୍କ ସମେତ ବହୁ ସଂଖ୍ୟକ ଠିକା ଶ୍ରମିକ ଧାରଣାରେ ସାମିଲ ହୋଇଥିଲେ। ଏନେଇ ଟିପିସିଓଡିଏଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ବିମଳ ଚୌଦ୍ୱାର ନଗର ବିଜେଡି କାର୍ଯ୍ୟକାରୀ ସଭାପତି

ଚୌଦ୍ୱାର,୧୮।୭(ଆଶୁତୋଷ ଦାସ)

ଚୌଦ୍ୱାର ନଗର ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ଯୁବ ସଙ୍ଗଠକ ବିମଳ କୁମାର ବେଉରା ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୀର୍ଘଦିନ ଧରି ଏହି ପଦବୀ ଖାଲି ରହିଥିବାବେଳେ ସୋମବାର ସ୍ଥାନୀୟ ଟାଉନ୍ ହଲରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ବିମଳଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ବିମଳ ଛାତ୍ର ଜୀବନରୁ ପ୍ରଥମେ ଜନତା ଦଳ ଓ ପରେ ବିଜୁ ଜନତା ଦଳର ଜଣେ ଦକ୍ଷ ସଂଗଠକ ଭାବେ କାର୍ଯ୍ୟ କରିଆସୁଛନ୍ତି। ଆଗାମୀ ଦିନରେ ଦଳର ସ୍ଥିତିକୁ ତୃଣମୂଳ ସ୍ତରରୁ ଆହୁରି ମଜଭୁତ କରିବାକୁ ପ୍ରୟାସ ଜାରି ରଖିବେ ବୋଲି ସେ କହିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ସୌଭିକ୍ ବିଶ୍ୱାଳ, ନଗର ବିଜେଡି ସଭାପତି ବିଷ୍ଣୁ ଚରଣ ପରିଡା, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିମଳ ଚୌଦ୍ୱାର ନଗର ବିଜେଡି କାର୍ଯ୍ୟକାରୀ ସଭାପତି ହେବା ପରେ ଯୁବ, ଛାତ୍ର ଓ ମହିଳା ସଙ୍ଗଠନ ସଦସ୍ୟାଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।

## ବିଦ୍ୟୁତ ଖୁଣ୍ଟି, ପାଣି ପାଇପ୍ ହଟାଇବାକୁ ନିର୍ଦ୍ଦେଶ

### ନେତାଜୀ ବସ୍ ଟର୍ମିନାଲର ଅଗ୍ରଗତି କାର୍ଯ୍ୟ ଅନୁଧ୍ୟାନ କଲେ ସିଡିଏ ଅଧ୍ୟକ୍ଷ

କଟକ,୧୮।୭ (କାର୍ତ୍ତିକ ସାହୁ)

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧ୍ୟକ୍ଷ ଅନିଲ କୁମାର ସାମଲ ମଙ୍ଗଳବାର ନେତାଜୀ ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଏହି କାର୍ଯ୍ୟ ପ୍ରାୟ ଶେଷ ହୋଇଯାଇଛି। ବାକିଥିବା ଛୋଟମୋଟ କାମ ଆସନ୍ତା ୧୫ ଦିନ ଭିତରେ ଶେଷ କରିବାକୁ ସାମଲ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ତଦାରଖ କରିବା ସହ ଅବ୍ୟବସ୍ଥିତ ଭାବେ ଥିବା ବିଦ୍ୟୁତ ଖୁଣ୍ଟି ଓ ପାଣି ପାଇପ ଲାଇନଗୁଡ଼ିକ ତୁରନ୍ତ ହଟାଇବାକୁ ସେ ଟିପିସିଓଡିଏଲ ଏବଂ ୱାଟ୍‌କୋ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସେ ବସ୍‌ଷ୍ଟାଣ୍ଡ ପରିସରରେ ଅତ୍ୟାଧୁନିକ ଆହାର କେନ୍ଦ୍ର ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ବସ୍‌ଷ୍ଟାଣ୍ଡର ପ୍ରବେଶ ଓ ପ୍ରସ୍ଥାନ ପଥ ଓ ଯାତ୍ରୀ ବିଶ୍ରାମାଗାର ପରିଦର୍ଶନ କରିଥିଲେ। ବିଶେଷକରି ସୌନ୍ଦର୍ଯ୍ୟକରଣ ଓ ପରିମଳ ବ୍ୟବସ୍ଥାକୁ ସେ ଗୁରୁତ୍ୱ ଦେଇଥିଲେ। ବସ୍‌ଷ୍ଟାଣ୍ଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ନିର୍ମାଣାଧୀନ ଗୋଲେଇ ରାସ୍ତାର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ୍ କର୍ପୋରେଶନ(ଓବିସିସି)ର ପ୍ରୋଜେକ୍ଟ ମ୍ୟାନେଜର ମାନସ ସେଠୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ପ୍ରଭାସ ମାଝି, ଇଂ. ଡି. କେ. ବେହେରା ଉପସ୍ଥିତ ରହି ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସିଡିଏ ଅଧ୍ୟକ୍ଷ ସାମଲଙ୍କୁ ଅବଗତ କରାଇଥିଲେ। ଖୁବ୍‌ଶୀଘ୍ର ଏହି ବସ୍ ଟର୍ମିନାଲ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ହେବ ବୋଲି ସାମଲ ସୂଚନା ଦେଇଛନ୍ତି।



ସିଡିଏ ଅଧ୍ୟକ୍ଷ ଅନିଲ ସାମଲ ନେତାଜୀ ବସ୍ ଟର୍ମିନାଲର ଅଗ୍ରଗତି କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

## ବିଦ୍ୟାଳୟରେ ଆରମ୍ଭ ହେଲା 'ହାଉସ୍ ସିଷ୍ଟମ୍'

ଭୁବନେଶ୍ୱର,୧୮।୭ (ଅନୁରାଧା ମହାରଣା)

ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟରେ 'ହାଉସ୍ ସିଷ୍ଟମ୍' ଆରମ୍ଭ ହୋଇଛି। ଏହି କ୍ରମରେ ନାଲି, ହଳଦିଆ, ସବୁଜ ଓ ନୀଳ ରଙ୍ଗର ବନ୍ଦୋବସ୍ତ କରାଯାଇଛି। ପିଲାମାନଙ୍କୁ ଶାରୀରିକ ଓ ମାନସିକ ଭାବେ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ 'ହାଉସ ସିଷ୍ଟମ' ଆରମ୍ଭ କରିଛି। 'ହାଉସ ସିଷ୍ଟମ' ଅନୁସାରେ, ପ୍ରତି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଦଳଗତ କାର୍ଯ୍ୟ କରିବାକୁ ଉତ୍ସାହିତ କରାଯାଉଛି । ଅନ୍ତର୍ନିହିତ ଗୁଣର ବିକାଶ, ବିଭିନ୍ନ ସମସ୍ୟାର ସମାଧାନ କରିବା, ପାରସ୍ପରିକ ସମ୍ପର୍କ, ସୃଜନଶୀଳତା, ସହାନୁଭୂତି ମନୋଭାବ, ଦଳଗତ କାର୍ଯ୍ୟ, ସହଯୋଗ ମନୋବୃତ୍ତି, ନିଷ୍ପତ୍ତି ନେବାର କ୍ଷମତା, ସମାଲୋଚନାତ୍ମକ ଚିନ୍ତାଧାରା, କର୍ତ୍ତବ୍ୟପରାୟଣତା, ଆତ୍ମ ସଚେତନତା, ଆତ୍ମବିଶ୍ୱାସ ବୃଦ୍ଧି, ବିଫଳତାରୁ ଶିକ୍ଷାଲାଭ କରିବାର କ୍ଷମତା ଆଦି ବିଭିନ୍ନ ମୌଳିକ ଗୁଣକୁ ବିକାଶ କରିବାରେ 'ହାଉସ୍ ସିଷ୍ଟମ' ସହାୟକ ହେବ ବୋଲି ଆଶା କରାଯାଉଛି। 'ହାଉସ୍ ସିଷ୍ଟମ' ଉଭୟ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଲାଗୁ ହୋଇଛି। ୧୦୦ରୁ ଅଧିକ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟଗୁଡ଼ିକରେ ୪ଟି ହାଉସ ଗଠନ କରାଯାଉଛି। ପ୍ରତି ଶ୍ରେଣୀର ଛାତ୍ରୀଛାତ୍ର, ପ୍ରତିଭା ଏବଂ ଲିଙ୍ଗଗତ ସାମଞ୍ଜସ୍ୟକୁ ଦୃଷ୍ଟିରେ ରଖି ସମାନ ଅନୁପାତରେ ୪ଟି ଦଳ ଗଠନ କରାଯାଉଛି। ୧୦୦ରୁ କମ୍ ଥିବା ବିଦ୍ୟାଳୟରେ ଦୁଇଟି ହାଉସ୍ ବା ଦଳ ଗଠନ ହେଉଛି। ପ୍ରତି ହାଉସକୁ ବିଦ୍ୟାଳୟ ପକ୍ଷରୁ ପ୍ରାକୃତିକ ସମ୍ପଦ ନଦୀ, ପର୍ବତ, ଗଛ, ପକ୍ଷୀ, ଫୁଲଗୁଡିକର ନାମରେ ନାମିତ କରାଯାଉଛି। ପାଠପଢ଼ା, ନେତୃତ୍ୱ ନେବାର କଳା, ବିଭିନ୍ନ କାର୍ଯ୍ୟକଳାପରେ ଦକ୍ଷ ଥିବା ଜଣେ ଛାତ୍ରୀ ବା ଛାତ୍ରଙ୍କୁ ପ୍ରଧାନଶିକ୍ଷକ ହାଉସ୍ କ୍ୟାପଟେନ୍ ଭାବେ ମନୋନୀତ କରିବେ। ଅନ୍ୟ ଜଣେ ଭାଇସ୍ କ୍ୟାପଟେନ୍ ଓ ଜଣେ ହାଉସ ପ୍ରତିନିଧି ଭାବେ ମଧ୍ୟ ମନୋନୀତ ହେବେ। ପ୍ରତି ସପ୍ତାହର ଗୋଟିଏ ପିରିୟଡରେ ହାଉସର ବୈଠକ ଅନୁଷ୍ଠିତ ହେବ। ବୈଠକରେ ବିଭିନ୍ନ କାର୍ଯ୍ୟର ଯୋଜନା, କ୍ରିୟାନ୍ୱୟନ ସମ୍ପର୍କରେ ଆଲୋଚନା କରାଯିବ। ପ୍ରତି ହାଉସ୍ ପାଇଁ ଜଣେ ଶିକ୍ଷକଙ୍କୁ ହାଉସ୍ ମାଷ୍ଟର ଭାବେ ପ୍ରଧାନ ଶିକ୍ଷକ ନିୟୋଜିତ କରିବେ। ପ୍ରତି ବର୍ଷ ଭଲ କାମ କରିଥିବା ହାଉସ୍‌କୁ 'ହାଉସ୍ ଅଫ୍ ଦ ଇୟର'ର ଭାବେ ପୁରସ୍କୃତ କରାଯିବ। ପ୍ରତି ହାଉସ୍ ପକ୍ଷରୁ ଜାତୀୟ ତଥା ଅନ୍ତର୍ଜାତୀୟ ଦିବସ ପାଳନ ଅବସରରେ କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ପୋଷ୍ଟର ତିଆରି କରିବା, ବିଦ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଚାରାରୋପଣ, ପୁଷ୍ପବାଟିକା ଦାୟିତ୍ୱ ନେବା, ବିଦ୍ୟାଳୟର ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବା, ପ୍ରାର୍ଥନା ସଭାରେ ଖବର ପଢ଼ିବା, ପର୍ବପର୍ବାଣିରେ ଲୋକନୃତ୍ୟ, ଲୋକକଳା, ନାଟକ ପରିବେଷଣ କରିବା, ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବା, ପ୍ରବନ୍ଧ ରଚନା, ପୁସ୍ତକ ସମୀକ୍ଷା ଆଦି ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ଶିକ୍ଷାଦାନ କରିବା ଦିଗରେ 'ହାଉସ୍ ସିଷ୍ଟମ' କାର୍ଯ୍ୟ କରିବ।

## ୮ ହାଇସ୍କୁଲ ପାଇଁ ୮ କୋଟିରୁ ଊର୍ଦ୍ଧ୍ୱ ବ୍ୟୟବରାଦ



ବୈଠକରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ସହ ଅନ୍ୟମାନେ।

### ୪ର୍ଥ ପର୍ଯ୍ୟାୟ ୫-ଟି ସ୍କୁଲ ରୂପାନ୍ତରଣ

- ନଭେମ୍ବର ସୁଦ୍ଧା କାର୍ଯ୍ୟ ଶେଷ ଲକ୍ଷ୍ୟ

କଟକ,୧୮।୭ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ୫-ଟି ଉପକ୍ରମର ୪ର୍ଥ ପର୍ଯ୍ୟାୟରେ ୮ଟି ହାଇସ୍କୁଲକୁ ରୂପାନ୍ତରଣ କରାଯିବ। ଏଥି ନିମନ୍ତେ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ରହିଛି। ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଆସନ୍ତା ନଭେମ୍ବର ସୁଦ୍ଧା ଶେଷ କରାଯିବାକୁ ଧାର୍ଯ୍ୟ ହୋଇଛି। ଚାଉଳିଆଗଞ୍ଜ ବାଳିକା ବିଦ୍ୟାଳୟ, ପୋପରଡ଼ା ମଧୁସୂଦନ ଜେନା ହାଇସ୍କୁଲ, ବକ୍ସିବଜାରସ୍ଥିତ ମଦରାସା ସୁଲତାନିଆ, ଓଡ଼ିଶା ପୋଲିସ ହାଇସ୍କୁଲ, ତରୋଳ ରାଜକିଶୋର ବିଦ୍ୟାପୀଠ, ସେବା ଶିକ୍ଷା ନିକେତନ, ଉର୍ଦ୍ଦୁ ବାଳିକା ବିଦ୍ୟାଳୟ ଓ ଭାଣପୁର ହାଇସ୍କୁଲକୁ ରୂପାନ୍ତରଣ କରାଯିବ ବୋଲି ସିଏମ୍‌ସି ସିଟି ଇଞ୍ଜିନିୟର ଅତନୁ ସାମନ୍ତ ମଙ୍ଗଳବାର ସୂଚନା ଦେଇଛନ୍ତି। ଚୌଧୁରୀବଜାରସ୍ଥିତ ବିଜୁଭବନରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ସମେତ ରୂପାନ୍ତରିତ ହେବାକୁ ଥିବା ୫-ଟି ସ୍କୁଲଗୁଡ଼ିକର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ଓ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେମାନେ ଆଭାସୀ କାର୍ଯ୍ୟକ୍ରମ ଜରିଆରେ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ସହ ଆଲୋଚନାରେ ଭାଗ ନେଇଥିଲେ । ପାଣ୍ଡିଆନଙ୍କ ସହ ଛାତ୍ରୀଛାତ୍ରମାନେ ଭାବ ବିନିମୟ କରିଥିଲେ। ଏଥିସହ ଛୋଟ ସମସ୍ୟାଗୁଡ଼ିକୁ ଧାର୍ଯ୍ୟ ସମୟ ମଧ୍ୟରେ ସମାଧାନ କରି କାର୍ଯ୍ୟ ସାରିବାକୁ ୫-ଟି ସଚିବ ଉପସ୍ଥିତ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

ସୂଚନାଯୋଗ୍ୟ, ପୂର୍ବରୁ ୩ଟି ପର୍ଯ୍ୟାୟରେ କଟକ ସହରରେ ମୋଟ ୪୧ଟି ବିଦ୍ୟାଳୟ ରୂପାନ୍ତରଣ କରାଯାଇଥିଲା। ଏହାଦ୍ୱାରା ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ କମ୍ପ୍ୟୁଟର ସାହାଯ୍ୟରେ ଜ୍ଞାନ ଆହରଣ ବ୍ୟବସ୍ଥା କରାଯିବା ସହ ନୂତନ ତଥ୍ୟ ସଂଗ୍ରହ କରିବାର ସୁଯୋଗ ରହିଛି। ବିଦ୍ୟାଳୟଗୁଡିକରେ ସ୍ମାର୍ଟ କ୍ଲାସ୍ ରୁମ୍ ବ୍ୟତୀତ ଆଇସିଟି ଲ୍ୟାବ୍, ଇ-ଲାଇବ୍ରେରୀ, ବିଜ୍ଞାନାଗାର, ବିଦ୍ୟାଳୟ ସୁପରିବେଶ ସହ କ୍ରୀଡ଼ା, ପାନୀୟ ଜଳ ଓ ପରିମଳ ସୁବିଧା ଆଦି ରହିଛି।

# କମିଶନରେଟ୍ ପୋଲିସ ପଞ୍ଝାରେ ଚଡ଼ି-ବାନିଆନ ଗ୍ୟାଙ୍ଗ୍


ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

## ଗ୍ୟାଙ୍ଗ୍ ନାଁରେ ରହିଛି ୱେବ୍ ସିରିଜ୍

ଏହି ଗ୍ୟାଙ୍ଗ ଉତ୍ତରପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଦିଲ୍ଲୀ ଆଦି ରାଜ୍ୟରେ ଆତଙ୍କ ଖେଳାଇଛନ୍ତି। ଏପରିକି ଚୋରି ସମୟରେ ପ୍ରତିରୋଧ କଲେ ସେମାନେ ଲୋକଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ଏହି ଗ୍ୟାଙ୍ଗକୁ କଚ୍ଛା-ବାନିଆନ ଗ୍ୟାଙ୍ଗ ମଧ୍ୟ କୁହାଯାଏ। ବଡ଼ କଥା ହେଲା ଗ୍ୟାଙ୍ଗ ନାଁରେ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ଏକ ୱେବ୍ ସିରିଜ୍ ମଧ୍ୟ ରହିଛି। ଦିଲ୍ଲୀ କ୍ରାଇମ ୱେବ୍ ସିରିଜ୍‌ର ସିଜିନ୍-୨ରେ ଏହି ଗ୍ୟାଙ୍ଗର କାହାଣୀ ରହିଛି। ଏହି ୱେବ୍ ସିରିଜ୍ ୨୦୨୨ ଅଗଷ୍ଟରେ ରିଲିଜ ହୋଇଥିଲା। କିଭଳି ପୋଲିସ ଏହି ଗ୍ୟାଙ୍ଗ ବିରୋଧରେ ଅପରେଶନ୍ କରିଛି ସେନେଇ ସେଥିରେ ଚିତ୍ରିତ କରାଯାଇଛି।

ଭୁବନେଶ୍ୱର,୧୮।୭(ସତ୍ୟଜିତ୍ ରାଉତ)

ରାଜଧାନୀ ସମେତ ଏହାର ଆଖପାଖ ଅଞ୍ଚଳରେ ରାତିଅଧରେ ଝରକା ତାଡ଼ି ଘରେ ପଶି ଚୋରି କରୁଥିବା ଆନ୍ତଃରାଜ୍ୟ ଚଡ଼ି-ବାନିଆନ ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିବାରେ ସଫଳ ହୋଇଛି। ସୋମବାର ରାତିରେ ଦୟାନଦୀ ନିକଟସ୍ଥ ତାରକେଶ୍ୱର ମନ୍ଦିର ପାଖରେ ଚୋରି ପାଇଁ ଯୋଜନା କରୁଥିବାବେଳେ ଧଉଳି ଥାନା ପୋଲିସ ଏହି ଗ୍ୟାଙ୍ଗର ୧୧ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରାଜସ୍ଥାନ କୋଟା ଜିଲା ମହାବୀର ନଗର ଥାନା ଅଞ୍ଚଳର ଦୌଲତ ଗିରି (୨୭), ଗରିବ ଗିରି (୨୧), ସନ୍ତୋଷ ଦାସ (୪୫), ବାରାଁ ଜିଲା ସିସ୍ୱଲି ଥାନା ଅଞ୍ଚଳର ରାଜୁ ବଗ୍ରି (୩୨), ସାନୁ ବଗ୍‌ଡି (୨୫), ଝାଡ଼ଖଣ୍ଡ ବୋକାର ଜିଲା ବାଗବେରା ଥାନା ଅଞ୍ଚଳର ରାସମିଂ ଚୌହାନ୍ (୫୭), ମଧ୍ୟପ୍ରଦେଶ ଶିବପୁରୀ ଜିଲା ଗୋପାଳପୁର ଥାନା ଅଞ୍ଚଳର ସୁନିଲ ମୋଗିଆ (୨୧), ମହାରାଷ୍ଟ୍ର ନାଗପୁର ଜିଲା ଗଣେଶପଥ ଥାନା ଅଞ୍ଚଳର ରାମ ମାଲାକର୍, (୩୦), ସାଙ୍ଗ୍‌ଲି ମାଲାକର୍ (୨୫), କୁନାଲ ମାଲାକର୍(୨୫) ଓ ଛତିଶଗଡ଼ ବିଳାସପୁର ଜିଲାର ଶଙ୍କର ସିଗ୍ରା (୨୩)। ଅଭିଯୁକ୍ତଙ୍କଠାରୁ ଝରକା ତାଡ଼ିବାରେ ବ୍ୟବହୃତ ସ୍ଲାଇରେଞ୍ଚି, ଲୁହା ରଡ୍, କଟୁରି, ସ୍କ୍ରୁଡାଇଭର ସମେତ ଗୋଟିଏ ଚୋରା ସ୍କୁଟି, ୧୧ ହଳ ଚଡ଼ି-ବାନିଆନ, ୧୨ଟି ସୁନା ଶଙ୍ଖା, ନଗଦ ୬ ହଜାର ୪୦୦ ଟଙ୍କା ଏବଂ ଅନ୍ୟାନ୍ୟ ଚୋରି ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି।

### ୧୧ ସଦସ୍ୟ ଜେଲ୍ ଗଲେ

- ସୁନା ଅଳଙ୍କାର ସହ ବହୁ ଚୋରି ସାମଗ୍ରୀ ଜବତ
- ଗୋଟିଏ ରାତିରେ ଏକାଧିକ ଘରୁ କରୁଥିଲେ ଚୋରି
- ଚୋରି ବେଳେ ପିନ୍ଧନ୍ତି ନାହିଁ ଚପଲ, ଆଣନ୍ତି ନାହିଁ ମୋବାଇଲ୍

### ବଞ୍ଜାରା ପରି ବସବାସ, ଚଡ଼ି-ବାନିଆନ ପିନ୍ଧି ଚୋରି

ଏହି ଗ୍ୟାଙ୍ଗର ନେଟ୍‌ୱର୍କ ପୂରା ଦେଶବ୍ୟାପୀ ରହିଛି। ଏଥିରେ ଅନେକ ସଦସ୍ୟ ଥିବାବେଳେ ସେମାନେ ରାଜ୍ୟରୁ ରାଜ୍ୟ ବୁଲି ଚୋରି କରନ୍ତି। ଏମାନେ ନିଜ ପରିବାର ନେଇ ବଞ୍ଜାରା ପରି ବସବାସ କରନ୍ତି। ରେଳ ଷ୍ଟେଶନ, ବ୍ରିଜ୍ ତଳ ଆଦି ସ୍ଥାନରେ ତମ୍ବୁ ଟାଣି ରୁହନ୍ତି। ଦିନବେଳା ବୁଲିବୁଲି ଗ୍ୟାଙ୍ଗର ସଦସ୍ୟମାନେ ରେକି କରନ୍ତି। ବିଶେଷ କରି ଜଙ୍ଗଲ, ଜାତୀୟ ରାଜପଥ ଏବଂ ଅନ୍ୟ ରାସ୍ତା ଆଦିକୁ ଲାଗି ଥିବା ଘରକୁ ଏହି ଗ୍ୟାଙ୍ଗର ସଦସ୍ୟମାନେ ଟାର୍ଗେଟ କରନ୍ତି। ସେମାନେ ଚୋରି କରି ଜଙ୍ଗଲକୁ ପଳାନ୍ତି କିମ୍ବା ରାସ୍ତା ଦେଇ ଫେରାର ହୋଇଯାଆନ୍ତି। ସବୁଠୁ ବଡ଼ କଥା ହେଲା ଏମାନେ ଚୋରି କରିବା ବେଳେ ଚପଲ ବ୍ୟବହାର କରନ୍ତି ନାହିଁ। ଏଥିସହ ପୋଲିସକୁ ସେମାନଙ୍କ ଲୋକେଶନ୍ ଜଣାପଡ଼ିଯିବା ଭୟରେ ମୋବାଇଲ ମଧ୍ୟ ଆଣନ୍ତି ନାହିଁ। ଚିହ୍ନା ନ ପଡ଼ିବା ପାଇଁ ଚୋରି କରିବା ପୂର୍ବରୁ ସେମାନେ ଶାର୍ଟ ଓ ପ୍ୟାଣ୍ଟ ଓହ୍ଲାଇ କେବଳ ଚଡ଼ି ଓ ବାନିଆନ (ଗଞ୍ଜି) ପିନ୍ଧନ୍ତି। ଏପରିକି ମୁହଁରେ କପଡ଼ା ଘୋଡ଼ାଇଦିଅନ୍ତି। ପାଖରେ ଆଣିଥିବା ଯନ୍ତ୍ରାଂଶ ଦ୍ୱାରା ଝରକା ତାଡ଼ିବା ପରେ ଘରେ ପଶି ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଯାଆନ୍ତି। ପରେ ସେଗୁଡ଼ିକୁ ଓଡ଼ିଶାରୁ ଝାଡ଼ଖଣ୍ଡ ଓ ଦିଲ୍ଲୀର ସହଯୋଗୀଙ୍କୁ ଚୋରି ସାମଗ୍ରୀ ପଠାଇ ଦେଇଥାନ୍ତି।

### ବିଭିନ୍ନ ଥାନାରେ ୧୬ରୁ ଅଧିକ ମାମଲା

ଅଭିଯୁକ୍ତମାନେ ବର୍ଷେରୁ ଅଧିକ ସମୟ ଧରି ଓଡ଼ିଶା ଆସି ବିଭିନ୍ନ ଅଞ୍ଚଳ ବୁଲି ଚୋରି କରୁଥିଲେ। ଯାଞ୍ଚ ସମୟରେ ପୋଲିସ ଏମାନଙ୍କ ଅପରାଧ ଇତିହାସ ଖୋଜି ବହୁ ତଥ୍ୟ ପାଇଛି। ଧଉଳି ଥାନାରେ ୬, ବଡ଼ଗଡ଼, ଲକ୍ଷ୍ମୀସାଗର, ଏୟାରଫିଲ୍ଡ, ଏୟାରପୋର୍ଟ ଥାନାରେ ୨ଟି ଲେଖାଏ, ତମାଣ୍ଡୋ ଓ ପିପିଲି ଥାନାରେ ଗୋଟିଏ ଲେଖାଏ ମୋଟ ୧୬ ମାମଲାରେ ଏମାନେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ଏପରି କି ଖୋର୍ଦ୍ଧା, ପୁରୀ, ଭଦ୍ରକ ସମେତ ଅନ୍ୟ ଜିଲାରେ ମଧ୍ୟ ଏମାନେ ଚୋରି କରିଥିବା ପୋଲିସ ସନ୍ଦେହ କରୁଛି।

### କିଛିଦିନ ହେଲା ଧଉଳି ଅଞ୍ଚଳକୁ କରୁଥିଲେ ଟାର୍ଗେଟ୍

ଗ୍ୟାଙ୍ଗର ସଦସ୍ୟମାନେ କିଛିଦିନ ହେଲା ଭୁବନେଶ୍ୱର ଉପକଣ୍ଠ ଧଉଳି ଅଞ୍ଚଳକୁ ଟାର୍ଗେଟ୍ କରିଥିଲେ। ଏହି ଅଞ୍ଚଳରେ ୬ମାସରେ ୬ଥର ଚୋରି କରିଥିଲେ। ଏହା ପୋଲିସର ମୁଣ୍ଡବିନ୍ଧାର କାରଣ ସାଜିଥିଲା। ନାଥପୁର ରାଧାକାନ୍ତ ନଗରରେ ରହୁଥିବା ପିପିଲି ଅଞ୍ଚଳର ସୁକାନ୍ତ କୁମାର ନାୟକଙ୍କ ଭଡ଼ା ଘରକୁ ଗ୍ୟାଙ୍ଗର ସଦସ୍ୟମାନେ ଟାର୍ଗେଟ କରିଥିଲେ। ମେ' ୧୭ରେ ସୁକାନ୍ତ ପୁରୀ ଯାଇଥିବାବେଳେ ଚୋରମାନେ ତାଙ୍କ ଘରର ଝରକା ତାଡ଼ି ଟଙ୍କା ଓ ସୁନାଗହଣା ଚୋରି କରିନେଇଯାଇଥିଲେ। ଏନେଇ ସୁକାନ୍ତଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୯୬/୨୦୨୩) ରୁଜୁ କରିଥିଲା। ସେହିପରି କୃଷ୍ଣପୁର ଦୟାନଦୀ ବିହାରରେ ରହୁଥିବା ଗୁଲସନ୍ ଶତପଥୀଙ୍କ ଘରକୁ ଏହି ଚୋରମାନେ ଜୁଲାଇ ୭ ରାତିରେ ଟାର୍ଗେଟ୍ କରିଥିଲେ। ବେଡ୍‌ରୁମ୍‌ର ପଛ ଝରକା ତାଡ଼ି ଘରେ ପଶିବା ପରେ ସେମାନେ ଦେଢ଼ ଲକ୍ଷ ଟଙ୍କା ସମେତ ସୁନା ଅଳଙ୍କାର ଚୋରି କରିନେଇଥିଲେ। ଏନେଇ ଗୁଲସନ୍‌ଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୧୪/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।


ସିସିଟିଭିରେ କଏଦ ହୋଇଥିବା ଚୋରି ପାଇଁ ଯିବାବେଳର ଦୃଶ୍ୟ।

## ୨ ଦଫା ଦାବି ନେଇ ଅଧ୍ୟାପିକା ଅଧ୍ୟାପକଙ୍କ ଧାରଣା


ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଙ୍ଗଳବାର ଅଣସରକାରୀ ଅନୁଦାନପ୍ରାପ୍ତ ଏବଂ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ସମୂହର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ (ଯୁକ୍ତ୨ ଓ ଯୁକ୍ତ୩) ସଂଘ ପକ୍ଷରୁ ଚାକିରି ସର୍ତ୍ତାବଳୀ ସହ ପୂର୍ଣ୍ଣ ଅନୁଦାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ମନୋରଞ୍ଜନ ମିଶ୍ର)

ଭୁବନେଶ୍ୱର,୧୮।୭(ଅନୁରାଧା ମହାରଣା)

ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣଅଣୁଦାନପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଚାକିରି ସର୍ତ୍ତାବଳୀ ସହ ପୂର୍ଣ୍ଣ ଅନୁଦାନ ଦାବି ନେଇ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। କମିଟି ସଭାପତି ଡ. ଦେବ ବିଜୟ ମିଶ୍ରଙ୍କ କହିବାନୁସାରେ କମିଟି ଦ୍ୱାରା ୨୦୦୮ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀମାନେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରିଆସୁଛନ୍ତି। ନିକଟରେ ନୂତନ ଅନୁଦାନ ନୀତିର ପ୍ରକ୍ରିୟାକରଣ ପାଇଁ ଜୁନ୍ ୨୬ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଏହାର ୨ଦିନ ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରତ୍ୟାହାର କରିନିଆଯାଇଥିଲା। ଶିକ୍ଷକମାନେ ବିଭିନ୍ନ ସୁବିଧାରୁ ବଞ୍ଚିତ ହେବା ସହ ସ୍ୱଳ୍ପ ଦରମାରେ କାଳାତିପାତ କରିବା କଷ୍ଟକର ହୋଇପଡୁଛି। ଯେପର୍ଯ୍ୟନ୍ତ ରାଜ୍ୟ ସରକାର ସେମାନଙ୍କ ହିତରେ କୌଣସି ପଦକ୍ଷେପ ନେଇନାହାନ୍ତି ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମିଶ୍ର ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍‌ଖୁଣ୍ଟକୁ ଧକ୍କା ଦେଲା ପର୍ଯ୍ୟଟକ ବସ୍

### ବର୍ତ୍ତିଲେ ୫୦ ପର୍ଯ୍ୟଟକ

ଗୋପ,୧୮।୭(ଭାରତୀ ଭୂଷଣ ଉପାଧ୍ୟାୟ): ମଙ୍ଗଳବାର ମଧ୍ୟାହ୍ନରେ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିଯାଉଥିବା ଏକ ପର୍ଯ୍ୟଟକ ବସ୍ ଗୋପ-କୋଣାର୍କ ରାସ୍ତାର କୁନ୍ଦୁରା ଛକ ନିକଟରେ ଭାରସାମ୍ୟ ହରାଇ ଗୋଟିଏ ବିଦ୍ୟୁତ୍‌ଖୁଣ୍ଟରେ ଧକ୍କା ଦେଇଥିଲା। ଫଳରେ ଏହି ବିଦ୍ୟୁତ୍‌ଖୁଣ୍ଟଟି ରାଜରାସ୍ତାରେ ପଡ଼ିଥିଲା। କିନ୍ତୁ ଏହି ବସ୍ ଧକ୍କାରେ କୌଣସି କ୍ଷତି ହୋଇ ନ ଥିବାବେଳେ ଅଳ୍ପକେ ୫୦ଜଣ ପର୍ଯ୍ୟଟକ ବର୍ତ୍ତିଯାଇଥିବା ଜଣାପଡିଛି। ପରେ କିଛି ସମୟ ପାଇଁ ରାଜରାସ୍ତାରେ ଗାଡ଼ିମୋଟର ଅଟକି ରହିଥିଲା। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ପହଞ୍ଚି ବିଦ୍ୟୁତ୍‌ଖୁଣ୍ଟକୁ କାଢ଼ିବା ପରେ ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, କୋଣାର୍କ-ନିମାପଡ଼ା ରାଜରାସ୍ତାର ଅନେକ ସ୍ଥାନର ରାସ୍ତାକଡ଼ରେ ବିଦ୍ୟୁତ୍‌ଖୁଣ୍ଟ ରହିଥିବାରୁ ବିଭିନ୍ନ ସମୟରେ ଅନେକ ଅଘଟଣ ଘଟୁଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହି ସବୁ ବିଦ୍ୟୁତ୍‌ଖୁଣ୍ଟକୁ ସ୍ଥାନାନ୍ତରିତ କରିବାକୁ ଦାବି କରାଯାଇଛି। ମଙ୍ଗଳବାର ଏପରି ଏକ ଅଘଟଣରୁ ଅଳ୍ପକେ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲି ଯାଉଥିବା ପର୍ଯ୍ୟଟକ ବିଦ୍ୟୁତ୍ କରେଣ୍ଟ ଲାଗିବାରୁ ବର୍ତ୍ତିଯାଇଥିବା ବେଳେ ଏଥିପ୍ରତି ବିଭାଗ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି କରାଯାଇଛି। ଏହି ପର୍ଯ୍ୟଟକମାନେ ବଙ୍ଗୀୟ ପର୍ଯ୍ୟଟକ ବୋଲି ଜଣାପଡ଼ିଥିବା ବେଳେ କୌଣସି ଅଭିଯୋଗ ଥାନାରେ ହୋଇ ନ ଥିବା ଜଣାପଡିଛି।

## ଉତ୍କଳ ବିଶ୍ୱବିଦ୍ୟାଳୟ ଏମ୍‌ବିଏ ବିଭାଗରେ ଅନିୟମିତତା

ଭୁବନେଶ୍ୱର,୧୮।୭(ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗରେ ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ଅନିୟମିତତାର ତଦନ୍ତ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିଯୁକ୍ତି ଅସାଧୁ ଉପାୟରେ ହୋଇଥିବା ନେଇ ଭୁବନେଶ୍ୱର ବମିଖାଲ ଅଞ୍ଚଳର ଡ. ବସନ୍ତ କୁମାର ସାହୁ ଅଭିଯୋଗ କରିବା ପରେ ଏମ୍‌ବିଏ ବିଭାଗର ରିଡର ଦାଶରଥୀ ସାହୁଙ୍କୁ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ସାରି ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ କୁହାଯାଇଛି। ଡ. ସାହୁଙ୍କ ଅଭିଯୋଗ ଅନୁସାରେ ଏ.ଜି ଅଡିଟ୍ ଟିମ୍ ପକ୍ଷରୁ ଆକାଉଣ୍ଟସ୍ ଅଡିଟ୍ ସମୟରେ ବିଭାଗୀୟ ଅଧିକାରୀମାନେ ଆକାଉଣ୍ଟସ୍ ବୁକ୍ ସହ ଅନ୍ୟ ଦସ୍ତାବିଜ ଉପସ୍ଥାପନ କରିପାରି ନ ଥିଲେ।

### ୧୫ ଦିନରେ ତଦନ୍ତ ରିପୋର୍ଟ ଦେବାକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

ଜୁନ୍ ୯ରେ ହୋଇଥିବା ଉକ୍ତ ଅଡିଟ୍‌ରେ ଡ. ଦାଶରଥୀ ସାହୁଙ୍କ ନିଯୁକ୍ତି ତଥା ଏମ୍ପ୍ଲୟମେଣ୍ଟ ଡେଭଲପମେଣ୍ଟ ପ୍ରୋଗ୍ରାମ ସମ୍ପର୍କିତ ତଥ୍ୟ ରଖିବାକୁ କୁହାଯାଇଥିଲା। ଏହା ଅଧୀନରେ ୨୦୧୪-୧୫ ମସିହାରେ ହୋଇଥିବା ଆର୍ଥିକ କାରବାର ତଥ୍ୟ ଉପସ୍ଥାପନ ପୂର୍ବକ ବ୍ୟାଙ୍କ ପାସ୍‌ବୁକ୍ ଏବଂ ଅନ୍ୟାନ୍ୟ କାଗଜପତ୍ର ଦେଖାଇବାରେ ବିଭାଗ ବିଫଳ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଏମ୍‌ବିଏ ବିଭାଗର ବିଧୁଭୂଷଣ ମିଶ୍ର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଆସିଥିବା ୭୦ ହଜାର ଟଙ୍କାକୁ ନିଜ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ୍ କରିଥିଲେ। ଏନେଇ ଆସିଷ୍ଟାଣ୍ଟ ଅଡିଟ୍ ଅଫିସର ବିଶ୍ୱବିଦ୍ୟାଳୟ ଫାଇନାନ୍ସ ଅଧିକାରୀଙ୍କୁ ଜୁନ୍ ୨୨ ଓ ପରେ ଜୁଲାଇ ୧ରେ ଅବଗତ କରିଥିଲେ। ତେବେ ଏହାର ଉତ୍ତର ରଖିବାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସମର୍ଥ ନ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଡ. ବସନ୍ତ କୁମାର ସାହୁ ସୂଚନା ଅଧିକାର ଆଇନ ବଳରେ ହାସଲ କରିଥିବା ତଥ୍ୟ ମୁତାବକ ଲାଞ୍ଚ ଦେଇ ଡ. ଦାଶରଥୀ ସାହୁ ନିଯୁକ୍ତି ପାଇଥିବା ଦର୍ଶାଇଛନ୍ତି। ୨୦୨୧ରେ ଏନେଇ ଅଭିଯୋଗ ସେ ଆଣିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗକାରୀ ସାହୁ କହିଛନ୍ତି। ଉପରୋକ୍ତ କାରନାମାକୁ ଅଡିଟ୍ ବେଳେ ଲୁଚାଇବାକୁ ବିଭାଗ ପକ୍ଷରୁ ପ୍ରୟାସ କରାଯାଉଥିବା ବାରମ୍ବାର ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଏ ନେଇ ଡ. ଦାଶରଥୀ ସାହୁ କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ଭୁବନେଶ୍ୱର ସୂଚନାଭବନରେ ଶାନ୍ତିଲତା ବାରିକ୍ ଛୋଟରାୟ କଲଚରାଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ହେ ଚକାନୟନ' ଭଜନ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ। ଫଟୋ- ମନୋରଞ୍ଜନ)

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜାନ୍‌ଭି


@ ଦେବେନ୍ଦ୍ର


@ ମହେଶ


@ ପ୍ରଶାନ୍ତ


@ ପ୍ରତୀକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ରାଜ୍ୟରେ କମୁଛି ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା

ଭୁବନେଶ୍ୱର,୧୮।୭(ଅଭିଜିତ୍ ଦାସ)

ମୌସୁମୀ ଆରମ୍ଭରୁ ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ବର୍ତ୍ତମାନ ଏହା ଧୀରେ ଧୀରେ କମିବାରେ ଲାଗିଛି। ଗତବର୍ଷ ରାଜ୍ୟରେ ୫ ଶହରୁ ଅଧିକ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ତେବେ ଚଳିତବର୍ଷ ୨୭୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜୁଲାଇ ମଧ୍ୟଭାଗ ସୁଦ୍ଧା ୧୩ ହଜାର ନମୁନା ସଂଗ୍ରହ କରାଯାଇଥିବାବେଳେ ୨୭୦ ଡେଙ୍ଗୁ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ଡେଙ୍ଗୁ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇନାହିଁ।

ବିଭାଗୀୟ ତଥ୍ୟ ଅନୁଯାୟୀ, ଗତବର୍ଷ ଜୁଲାଇରେ ବିଭିନ୍ନ ସରକାରୀ ଚିକିତ୍ସାଳୟରେ ୭୨୪୬ ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିବାବେଳେ ସେଥିରୁ ୫୦୧ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୪୦ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲାର ଅଧିକାଂଶ ଡେଙ୍ଗୁ ରୋଗୀ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଚିହ୍ନଟ ହୋଇଛନ୍ତି। ସେହିପରି ବାଲେଶ୍ୱରରେ ୧୮, କଟକରେ ୧୫, ପୁରୀରେ ୧୪, ଯାଜପୁରରେ ୧୨, ଜଗତ୍‌ସିଂହପୁର ଓ ନୟାଗଡ଼ରେ ୧୦ ଜଣ ଲେଖାଏ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ଅନୁଗୋଳ, ବରଗଡ଼, ବଲାଙ୍ଗୀରରେ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ବୌଦ୍ଧ, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାରେ ଗୋଟିଏ ବି ଡେଙ୍ଗୁ ଆକ୍ରାନ୍ତ ନେଇ ରିପୋର୍ଟ ଆସିନାହିଁ। ଜନସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶୁଭାଶିଷ ମହାନ୍ତି କହିଛନ୍ତି, ପୂର୍ବ ବର୍ଷଠାରୁ ଚଳିତ ବର୍ଷ ଡେଙ୍ଗୁ ସ୍ଥିତି କମ୍ ଥିବାବେଳେ ଚଳିତ ବର୍ଷ ୧୩ ହଜାରରୁ ଉର୍ଦ୍ଧ୍ୱ ଟେଷ୍ଟିଂ କରାଯାଇଛି। ରାୟଗଡ଼ା, ମାଲକାନଗିରି, କୋରାପୁଟ ଭଳି ବିଭିନ୍ନ ଉପାନ୍ତ ଅଞ୍ଚଳରେ ଚଳିତବର୍ଷ ଡେଙ୍ଗୁ ମୁକାବିଲା ଲାଗି ତିନିଗୁଣାରୁ ଅଧିକ ରକ୍ତ ନମୁନା ସଂଗ୍ରହ କରାଯାଇଛି। କୌଣସି ଡେଙ୍ଗୁ ରୋଗୀଙ୍କର ମୃତ୍ୟୁ ହୋଇ ନାହିଁ। ସହରଗୁଡ଼ିକରେ ବିଭିନ୍ନ ସ୍ଥାନରେ ମଶାଧୂଆଁ ଓ ଔଷଧ ସିଞ୍ଚନ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୪୨ରୁ ଉର୍ଦ୍ଧ୍ୱ ସ୍ଥାନରେ ପରୀକ୍ଷଣ କେନ୍ଦ୍ର ଖୋଲାଯିବା ସହ ବ୍ୟାପକ ବ୍ୟବସ୍ଥା କରାଯାଇଛି।

